RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -137 ସଂଖ୍ୟା-୧୩୭
ଭୁବନେଶ୍ୱର, ସୋମବାର ୧୦ ଅଗଷ୍ଟ ୨୦୨୬
Bhubaneswar, Monday 10 August, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




## ଟ୍ରାଫିକ ନିୟନ୍ତ୍ରଣ ପାଇଁ ବିଧାୟକ ପାଣ୍ଠିରୁ ବ୍ୟାରିକେଡ

ବଲାଙ୍ଗିର,୯।୮(ନି.ପ୍ର.): ବଲାଙ୍ଗିର ସହରରେ ବଢୁଥିବା ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ଓ ଜନସୁରକ୍ଷାକୁ ସୁଦୃଢ଼ କରିବା ଦିଗରେ ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ପଦକ୍ଷେପ। ବିଧାୟକ ପାଣ୍ଠିରୁ ବଲାଙ୍ଗିର ପୋଲିସ ପ୍ରଶାସନକୁ ବିଭିନ୍ନ ଛକରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟାରିକେଡ୍ ଯୋଗାଇ ଦିଆଯାଇଛି। ଶନିବାର ବଲାଙ୍ଗିର ଆଦର୍ଶ ଥାନା ପରିସରରେ ଏହି ଟ୍ରାଫିକ ବ୍ୟାରିକେଡ୍‌ର ଶୁଭ ଉଦ୍‌ଘାଟନ କରିଥିଲେ ବିଧାୟକ ଶ୍ରୀ ସିଂହଦେଓ।

ବିଧାୟକଙ୍କ ଏହି ପଦକ୍ଷେପର ଲକ୍ଷ୍ୟ ସହରର ବ୍ୟସ୍ତବହୁଳ ଛକଗୁଡ଼ିକରେ ଟ୍ରାଫିକ ଚଳାଚଳକୁ ନିୟମିତ କରିବା ସହ ଦୁର୍ଘଟଣା ଓ ଯାତାୟାତଜନିତ ସମସ୍ୟାକୁ ହ୍ରାସ କରିବା। ଏହି ଅବସରରେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ, ଆରକ୍ଷୀ ଅଧିକ୍ଷକ ଅଭିଲାଶ ଜି, ଟାଉନ ଥାନା ଅଧିକାରୀ ଅବନୀ ସାହୁ, ଟ୍ରାଫିକ ଇନ୍‌ସପେକ୍ଟରଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲରମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ, ସହରର ବିଭିନ୍ନ ପଡ଼ା ଓ ପ୍ରମୁଖ ସ୍ଥାନରେ ଟ୍ରାଫିକ ନିୟନ୍ତ୍ରଣ ଏବଂ ଅପରାଧ ନିରୋଧ ସହ ଜନସୁରକ୍ଷା ପାଇଁ ଉଚ୍ଚମାନର କ୍ୟାମେରା ସ୍ଥାପନ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ବିଧାୟକଙ୍କୁ ଅନୁରୋଧ କରାଯାଇଥିଲା। ଏହା ଉପରେ ବିଧାୟକ ଶ୍ରୀ ସିଂହଦେଓ ଆବଶ୍ୟକ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ବଲାଙ୍ଗିର ସହରର ଟ୍ରାଫିକ ବ୍ୟବସ୍ଥାକୁ ଅଧିକ ସୁବ୍ୟବସ୍ଥିତ, ନିରାପଦ ଓ ଆଧୁନିକ କରିବା ସହ ନାଗରିକଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ଆଗାମୀ ଦିନରେ ମଧ୍ୟ ଆବଶ୍ୟକ ପଦକ୍ଷେପ ଜାରି ରହିବ ବୋଲି ବିଧାୟକ କହିଛନ୍ତି।

## ବିପୁଳ ପରିମାଣର ଶାଗୁଆନ କାଠ ଜବତ

ଅନୁଗୋଳ,୯।୮(ନି.ପ୍ର) : ଅନୁଗୋଳ ମୋବାଇଲ ସ୍କ୍ୱାର୍ଡ ଏବଂ ଛେଣ୍ଡିପଦା ବନବିଭାଗ ପକ୍ଷରୁ ଆଜି ବାଗଡିଆ ବୁଢାଡିପ ସାହିର ସୁଶିଲ୍ ବେହେରାଙ୍କ ଘର ଉପରେ ଚଢ଼ାଉ କରି ବିପୁଳ ପରିମାଣର ଶାଗୁଆନ ବୁରୁଦ ଏବଂ ତିଆରି ହୋଇଥିବା ଶାଗୁଆନ କବାଟକୁ ଜବତ କରୁଛନ୍ତି । ବନବିଭାଗ ପକ୍ଷରୁ ପ୍ରକାଶ ବାଗଡିଆରେ ଦୀର୍ଘ ଦିନ ହେବ ଚୋରା କାଠ ଆଣି ଫର୍ଣଚର ତିଆରି କରି ବ୍ୟବସାୟ କରୁଥିଲେ । ଆଜି ଅନୁଗୋଳ ଡିଏଫଓ ନିତିସ୍ କୁମାରଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୋଳ ମୋବାଇଲ୍ ସ୍କ୍ୱାର୍ଡ ଏବଂ ଛେଣ୍ଡିପଦା ବନବିଭାଗର ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ହନୁମାନ, ଫରେଷ୍ଟର ସରସ୍ୱତୀ ବେହେରା, ଫରେଷ୍ଟର ବେଣୁଧର ବେହେରା,ଲିଜାରାଣୀ ମାଝୀ, ରୁତୁପର୍ଣ୍ଣ ବିଶ୍ୱାଳଙ୍କ ସମେତ ଛେଣ୍ଡିପଦା ବନାଞ୍ଚଳ ର ଅନ୍ୟାନ୍ୟ କର୍ମଚାରୀ ମାନେ ସକାଳେ ବାଗଡିଆରେ ଚଢ଼ାଉ କରି ୭ଟି ତିଆରି ହେଉଥିବା ଶାଗୁଆନ କବାଟ ସହ ୩୦ଖଣ୍ଡ ଶାଗୁଆନ ପଟା ଏବଂ ଫର୍ନିଚର୍ ନିର୍ମାଣ ପାଇଁ ବ୍ୟବହୃତ ଯନ୍ତ୍ରାଂଶ ସାମଗ୍ରୀ ଜବତ କରିଛନ୍ତି । ଏନେଇ ବନବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି

# କୁଚକ୍ରୀ ଶକ୍ତି ମାୟାଜାଲରେ ନ ପଡ଼ିବାକୁ 'ଜେନ୍-ଜି' ଓ ଯୁବସମାଜକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୯।୮(ନି.ପ୍ର): ବିତ୍ର ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ଭୁବନେଶ୍ୱରଠାରେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନର ଐତିହାସିକ ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ଅଗଷ୍ଟ ୯ ରୁ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକ ଗ୍ରାମ, ପଞ୍ଚାୟତ, ସହର, ଘର, ବିଦ୍ୟାଳୟ ଓ କାର୍ଯ୍ୟାଳୟରେ ଗୌରବର ସହ ଜାତୀୟ ପତାକା ଉଡ଼ାଇବାକୁ ସେ ସାଢେ ଚାରି କୋଟି ଓଡ଼ିଶାବାସୀଙ୍କୁ

## 'ତ୍ରିରଙ୍ଗା ୧୪୦ କୋଟି ଭାରତୀୟଙ୍କ ସ୍ୱାଭିମାନ ଓ ଗୌରବର ପ୍ରତୀକ'

ନିବେଦନ କରିଛନ୍ତି। ନିଜ ଅଭିଭାଷଣ ସ୍ୱାଧୀନତା ସଂଗ୍ରାମୀ, ବୀର ଶହୀଦ ଏବଂ ଓଡ଼ିଶାର ଅମର ସପୁତମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୧୯୪୨ ଅଗଷ୍ଟ ୯ ରେ ମୁମ୍ବାଇର ଅଗଷ୍ଟ କ୍ରାନ୍ତି ମଇଦାନରୁ ଆରମ୍ଭ ହୋଇଥିବା 'ଭାରତ ଛାଡ଼' ଆନ୍ଦୋଳନ ସ୍ୱାଧୀନତା ସଂଗ୍ରାମକୁ ନୂଆ ଦିଗଦର୍ଶନ ଦେଇଥିଲା। ଜାତୀୟ ପତାକା 'ତ୍ରିରଙ୍ଗା' କେବଳ ତିନୋଟି ରଙ୍ଗର ସମାହାର ନୁହେଁ, ବରଂ ଏହା ୧୪୦ କୋଟି ଭାରତୀୟଙ୍କ ସ୍ୱାଭିମାନ, ଗୌରବ ଓ ଆକାଂକ୍ଷାର ପ୍ରତୀକ। କେଶରୀ ରଙ୍ଗ ସାହସ ଓ ତ୍ୟାଗ, ଶ୍ୱେତ ରଙ୍ଗ ଶାନ୍ତି ଓ ସତ୍ୟ, ସବୁଜ ରଙ୍ଗ ସମୃଦ୍ଧି ଏବଂ ମଝିରେ ଥିବା ଅଶୋକ ଚକ୍ର ନିରନ୍ତର କର୍ତ୍ତବ୍ୟପଥରେ



ଆଗେଇ ଚାଲିବାର ଶିକ୍ଷା ଦିଏ।ଏହି ପବିତ୍ର ଜାତୀୟ ଉତ୍ସବକୁ ସମ୍ପୂର୍ଣ୍ଣ ପରିବେଶ-ଅନୁକୂଳ କରିବା ପାଇଁ ପ୍ଲାଷ୍ଟିକ୍ ପତାକାକୁ ସମ୍ପୂର୍ଣ୍ଣ ବର୍ଜନ କରି କେବଳ କପଡ଼ା ପତାକା ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ଦୃଢ଼ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ଏକ ବର୍ଣ୍ଣାଢ୍ୟ ପଦଯାତ୍ରା ଆୟୋଜିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ଏନ.ସି.ସି. ଏବଂ ଏନ.ଏସ.ଏସ. ର ସ୍ୱେଚ୍ଛାସେବୀମାନେ ହାତରେ ତ୍ରିରଙ୍ଗା ଧରି ଶୃଙ୍ଖଳିତ ଭାବେ ପଦଯାତ୍ରା କରିଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଂସ୍କୃତିକ ଦଳ ନିଜର ପାରମ୍ପରିକ ଲୋକନୃତ୍ୟ ଓ କଳା ପ୍ରଦର୍ଶନ କରିଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀ, ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ବିଶିଷ୍ଟ କ୍ରୀଡ଼ାବିତ୍ ଏବଂ ହଜାର ହଜାର ଛାତ୍ରଛାତ୍ରୀ 'ବନ୍ଦେ ମାତରମ୍' ଓ 'ଭାରତ ମାତା କି ଜୟ' ନାରା ଦେଇ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ରାଜ୍ୟର 'ଜେନ୍-ଜି' ଓ ଯୁବସମାଜକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜିର ଡିଜିଟାଲ୍ ଯୁଗରେ ଆମ ଯୁବପିଢ଼ିକୁ ବିପଥଗାମୀ କରିବାକୁ କିଛି ବାହ୍ୟ ଶକ୍ତି, ଅଦୃଶ୍ୟ ଶତ୍ରୁ, ସାମାଜିକ ଗଣମାଧ୍ୟମର ଅପବ୍ୟବହାର ଓ ନିଶାଦ୍ରବ୍ୟ ଭଳି କୁପ୍ରଭାବ ସକ୍ରିୟ ରହିଛନ୍ତି। ସେହି ଅଦୃଶ୍ୟ କୁଚକ୍ରୀ ଶକ୍ତି କେବେହେଲେ ନିଜ ଉଦ୍ଦେଶ୍ୟରେ ସଫଳ ହେବେ ନାହିଁ। ସେମାନଙ୍କ ମାୟାଜାଲରେ ନପଡ଼ି ଦେଶଭକ୍ତିକୁ ପ୍ରଥମ ସ୍ଥାନ ଦେବାକୁ ସେ ପରାମର୍ଶ ଦେଇଥିଲେ ଦେଇ ସେ 'ଯୁବଶକ୍ତିର ଏକ ହିଁ ସ୍ୱର — ସୁରକ୍ଷିତ ହେବ ଦେଶ ଆମର !' ନାରା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ - ୨୦୪୭' ସଂକଳ୍ପରେ ଓଡ଼ିଶାର ଭୂମିକା ସବୁଠାରୁ ନିର୍ଣ୍ଣାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ରାଜ୍ୟର ଚାଷୀ, ଶ୍ରମିକ, ଯୁବକ ଓ ସ୍ୱାବଲମ୍ବୀ ମହିଳାଙ୍କ ଅବଦାନ ଯୋଗୁଁ ଓଡ଼ିଶା ଦେଶର ଆର୍ଥିକ ଓ ଶିଳ୍ପ ବିକାଶର ପ୍ରମୁଖ ଇଞ୍ଜିନ୍ ପାଲଟିବ। ସ୍ୱାଧୀନତା ଦିବସ ଅବସରରେ ଦେଶର ସୁରକ୍ଷାରେ ନିୟୋଜିତ ବୀର ସୈନିକ ଓ ପୋଲିସ କର୍ମଚାରୀଙ୍କ ପରିବାରବର୍ଗଙ୍କୁ ଗୌରବର ସହ ସମ୍ମାନିତ କରିବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ।

ଏହି ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀବିଭୂତି ଭୂଷଣ ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ଏବଂ ଉଚ୍ଚଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ମଞ୍ଚାସୀନ ଥିଲେ।

ଏହା ବ୍ୟତୀତ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଦିଗପହି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ପାଲଲହଡ଼ା ବିଧାୟକ ଶ୍ରୀଯୁକ୍ତ ଅଶୋକ ମହାନ୍ତି , ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବିଜେପି ଓଡ଼ିଶାର ରାଜ୍ୟ ସଂଗଠନ ସାଧାରଣ ସମ୍ପାଦକ ମାନସ ମହାନ୍ତି ଏବଂ ବିଜେପି ଓଡ଼ିଶା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶୋଭାମଣ୍ଡିତ କରିଥିଲେ।ଏହି ସମାରୋହରେ ଓଡ଼ିଶାର ଗୌରବ ତଥା ଆନ୍ତର୍ଜାତୀୟ ସ୍ତରର ଅନ୍ତରଙ୍ଗ କ୍ରୀଡ଼ାବିତ୍ ପ୍ରମୋଦ ଭଗତ, ଅନୁପମା ସ୍ୱାଇଁ, ସୁନୀଲ ପ୍ରଧାନ, ରବି କୁମାର ଏବଂ କମଳା କାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ଯୁବସମାଜ ମଧ୍ୟରେ ଦେଶପ୍ରେମ ଓ ଉତ୍ସାହ ଭରିଦେଇଥିଲେ।

# ଶିକ୍ଷକଙ୍କ ନ୍ୟାୟସଙ୍ଗତ ଦାବୀ ପାଇଁ ଏକାଠି ହେଲା ଓଷ୍ଟା

ବଲାଙ୍ଗୀର,ତା.୦୭/୦୮/୨୦୨୬:ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା) ବଲାଙ୍ଗୀର ପକ୍ଷରୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପରିସରରେ ଏକ ସଭା ଆୟୋଜନ ହୋଇଥିଲା।ଜିଲ୍ଲା ଓଷ୍ଟା ସଭାପତି ପ୍ରଦୀପ ପୁଟେଲ,ସମ୍ପାଦକ ଶଙ୍କର ପ୍ରସାଦ ମିଶ୍ର,ଜିଲ୍ଲା କାର୍ଯ୍ୟକାରୀ ସଭାପତି ଅନିଲ ସାହୁ,ରାଜ୍ୟ ଉପସଭାପତି ସୁଧୀର ନାଏକ ଙ୍କ ନେତୃତ୍ୱରେ ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ,ଉଚ୍ଚଶିକ୍ଷା ମନ୍ତ୍ରୀ,ଆଇନ ମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଈଶଲଓ୍ୱାର ଓ ଜିଲ୍ଲା ଶିକ୍ଷାଧିକାରୀ ସୁଧାଂଶୁ ଶେଖର ମିଶ୍ର ଙ୍କ ଜରିଆରେ ପ୍ରଦାନ କରାଯାଇଛି।ଏହି ସ୍ମାରକ ପତ୍ର ରେ ସମସ୍ତ ଯୋଗ୍ୟ ସ୍କୁଲ ଓ କଲେଜ କୁ ଜିଆଇଏ ଅନ୍ତର୍ଭୁକ୍ତ କରାଯାଇ ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ ଓ କଲେଜ ର ଶିକ୍ଷକ ଏବଂ କର୍ମଚାରୀଙ୍କୁ ପେନସନ ଓ ସେବା ସର୍ତ୍ତ ପ୍ରଦାନ କରିବା,ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ ଓ କଲେଜ ର ଶିକ୍ଷକ ଓ ଅଣଶିକ୍ଷକ ପଦବୀରେ ନିଯୁକ୍ତି ଶୀଘ୍ର ଆରମ୍ଭ କରାଯାଉ ଏବଂ ଅବସର ଗ୍ରହଣ ର ବୟସ ୬୦ ବର୍ଷ ରୁ ବଢ଼ାଇ ୬୨ ବର୍ଷ କରାଯାଉ,ସମସ୍ତ ବର୍ଗର

### ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସ୍ମାରକ ପତ୍ର

କର୍ମଚାରୀଙ୍କ ବେତନ ବୈଷମ୍ୟ ଦୂର କରାଯାଉ,ଚୁକ୍ତିଭିତ୍ତିକ ଶିକ୍ଷକ ମାନଙ୍କୁ ୬ଟି ନୋସନାଲ ବେତନ ବୃଦ୍ଧି ପ୍ରଦାନ କରାଯାଉ,ସମସ୍ତ ଅନୁଦାନ ପ୍ରାପ୍ତ ଓ ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ ଓ କଲେଜ କୁ ସରକାରୀକରଣ କରାଯାଇ ସମସ୍ତଙ୍କ ପାଇଁ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରାଯାଉ ବୋଲି ଉଲ୍ଲେଖ ହୋଇଛି।ଏହି ସ୍ମାରକ ପତ୍ର ପ୍ରଦାନ ସମୟରେ ଓଷ୍ଟା ରାଜ୍ୟ ଉପସଭାପତି ସୁଧୀର ନାଏକ,ଜିଲ୍ଲା ସଭାପତି ପ୍ରଦୀପ ପୁଟେଲ,ଜିଲ୍ଲା ସମ୍ପାଦକ ଶଙ୍କର ପ୍ରସାଦ ମିଶ୍ର,ଜିଲ୍ଲା କାର୍ଯ୍ୟକାରୀ ସଭାପତି ଅନିଲ ସାହୁ,ସଭ୍ୟ ନରେନ୍ଦ୍ର ମିଶ୍ର,ଶରତ ରାଉତ,ଗୋବର୍ଦ୍ଧନ ସାହୁ,ଅମୂଲ୍ୟ ବେହେରା,ମନୋଜ ବେହେରା,ଐଶର୍ଯ୍ୟ ଶେଖର ଦେବତା ପ୍ରମୁଖ ଶିକ୍ଷକ ମାନଙ୍କ ପ୍ରମୁଖ ଦାବୀ ଗୁଡିକ ଉପରେ ଉଦବୋଧନ ଦେଇଥିଲେ।ଜିଲ୍ଲା କାର୍ଯ୍ୟକାରୀ ସଭାପତି ଅନିଲ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ବଲାଙ୍ଗୀର ବ୍ଲକ ଓଷ୍ଟା ସମ୍ପାଦକ ସଞ୍ଜୟ ତ୍ରିପାଠୀ।କାର୍ଯ୍ୟକ୍ରମ ରେ ଶତାଧିକ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ।ଶିକ୍ଷକ ଭକ୍ତବନ୍ଧୁ ପୁରୋହିତ,ଲଲାଟକେଶରୀ ପଧାନ,ଅରବିନ୍ଦ ପଧାନ,ଅନୁପ ବାଗ,ଦିଲୀପ ପଧାନ ଓ ଗୋବିନ୍ଦ ବଗର୍ତ୍ତୀ ସହଯୋଗ କରିଥିଲେ।

# ବିପୁଳ ଗଞ୍ଜେଇ ଜବତ, ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚଲାଣ

ଯୋଡ଼ା, ୯/୮/୨୬ କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଲହଣ୍ଡା ଠାରେ ବେଆଇନ ଭାବେ ଗଞ୍ଜେଇ ଚୋରା କାରବାର ବେଳେ ଖବର ପାଇ ଯୋଡ଼ା ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଯୋଡ଼ା ହନୁମାନ ହଟିଂର ଯୋଗେନ ପ୍ରଧାନ (୫୯) ଏବଂ ପଶ୍ଚିମବଙ୍ଗର ଦୁଲାଲ ଚନ୍ଦ୍ର ସରକାର (୫୫)।



ଶନିବାର ଅପରାହ୍ନରେ ସବ୍-ଇନ୍‌ସପେକ୍ଟର ନିତେଶ କୁମାର ବେହେରାଙ୍କ ନେତୃତ୍ୱରେ ଯୋଡ଼ା ପୋଲିସ ଟିମ୍ ପେଟ୍ରୋଲିଂ କରୁଥିବା ସମୟରେ ଲାହଣ୍ଡା ଅଞ୍ଚଳରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୋଲିସକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା।

ସୂଚନାକୁ ଆଧାର କରି ପୋଲିସ ଲହଣ୍ଡା ବସ୍ ପ୍ରତୀକ୍ଷାଳୟ ରେ ଚଢଉ କରି ଦୁଇ ଅଭିଯୁକ୍ତଙ୍କୁ ଅଟକାଇ ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ମୋଟ ୧୦ କେଜି ୧୮୦ ଗ୍ରାମ ଗଞ୍ଜେଇ ଠାବ ହୋଇଥିଲା। ଯାହାର ଅନୁମାଳିକ ମୁଲ୍ୟ ଏକ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ପରେ ନିୟମାନୁଯାୟୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ପ୍ରକ୍ରିୟା ସମ୍ପନ୍ନ କରାଯାଇଥିଲା।

ଯୋଗେନ ପ୍ରଧାନଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ୍‌ଓ ୧,୫୦୦ ଟଙ୍କା ନଗଦ ଏବଂ ଦୁଲାଲ ଚନ୍ଦ୍ର ସରକାରଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ୍‌ଓ ୫,୨୦୦ ଟଙ୍କା ନଗଦ ଜବତ କରାଯାଇଛି।ଏ ନେଇ ଯୋଡ଼ା ଥାନାରେ କେସ୍ ନମ୍ବର ୨୬୫/୨୦୨୬ ରୁଜୁ କରାଯାଇ ଶନିବାର ରାତିପ୍ରାୟ ୧୦ଟା ୩୦ ମିନିଟ୍‌ରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ରବିବାର ସେମାନଙ୍କୁ ସମ୍ପୃକ୍ତ ଏନ୍‌ଡିପିଏସ୍ ଧାରାରେ କୋର୍ଟ ଚାଲାଣ କରାଯାଇଛି। ଗଞ୍ଜେଇର ଉତ୍ସ, ଚାଲାଣର ଉଦ୍ଦେଶ୍ୟ ଓ ଏହି କାରବାରରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେ ଦିଗରେ ପୋଲିସ ତଦନ୍ତ ଜାରି ରଖିଛି।

# ଆଠମଲ୍ଲିକରେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେଲେ ପଞ୍ଚାୟତିରାଜ ମନ୍ତ୍ରୀ

ଅନୁଗୋଳ(ମନ୍ଥନ) : ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଅନୁଗୋଳ ଜିଲ୍ଲା ଗସ୍ତ କରି ଆଠମଲ୍ଲିକ ଠାରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ, ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର ମାନ୍ୟବର ମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ । ଗସ୍ତର ଆରମ୍ଭରେ ମାନ୍ୟବର ମନ୍ତ୍ରୀ ଆଠମଲ୍ଲିକର ରାଜା ସ୍ୱର୍ଗତ ପ୍ରଦୀପ ଚନ୍ଦ୍ର ଦେଓଙ୍କ ଦ୍ୱାଦଶ କର୍ମରେ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁରର ମାନ୍ୟବର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ମାନ୍ୟବର ପାଲଲହଡା ବିଧାୟକ ଶ୍ରୀ ଅଶୋକ ମହାନ୍ତି, ପୂର୍ବତନ ମନ୍ତ୍ରୀ ଶ୍ରୀ ସଂଜିବ କୁମାର ସାହୁ ମଧ୍ୟ ଏହି ଦ୍ୱାଦଶ କର୍ମରେ ଉପସ୍ଥିତ ଥିଲେ ।

ମନ୍ତ୍ରୀ ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ପଦ୍ମପୋଖରୀ ଗ୍ରାମ ଠାରେ ମହାନଦୀ କୋଇଲା ଖଣିର ସି.ଏସ୍.ଆର ପାଣ୍ଠି ସହାୟତାରେ ୭.୧୯ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ଜନହିତକର ପ୍ରକଳ୍ପର ଲୋକାର୍ପଣ କରିଥିଲେ । ପ୍ରାୟ ୧.୫୭ କୋଟି ଟଙ୍କା ବ୍ୟୟରେ ବରଟିକିରା ଠାରୁ ଟାଙ୍ଗିଆନିଶା ଏବଂ ୩.୭୮ କୋଟି ଟଙ୍କା ବ୍ୟୟରେ ଟାଙ୍ଗିଆନିଶା ଛତିଆ ସାହି ଠାରୁ ପଦ୍ମପୋଖରୀ ନୂତନ ରାସ୍ତା ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ସେହିପରି ପଶୁଡାକ୍ତରଖାନା ଛକ ଠାରୁ ମହାନଦୀ ସେତ ପର୍ଯ୍ୟନ୍ତ ୧.୬୨ କୋଟି ଟଙ୍କା ବ୍ୟୟରେ ଆଲୋକିକରଣ ବ୍ୟବସ୍ଥାର ଶୁଭ ଉଦଘାଟନ କରିଥିବାବେଳେ ୨୨ ଲକ୍ଷ ଟଙ୍କା ମୂଲ୍ୟରେ ଦୁର୍ଗା ମନ୍ଦିର ପୁନରୁଦ୍ଧାର କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହାବ୍ୟତୀତ ପରିବେଶକୁ ସବୁଜ ଓ ପ୍ରଦୂଷଣ ମୁକ୍ତ ବାର୍ତ୍ତା ନେଇ ମା' ପାଇଁ ଗଛ ଟିଏ ଅଭିଯାନରେ ମାନ୍ୟବର ମନ୍ତ୍ରୀ ବୃକ୍ଷ ରୋପଣ କରିଥିଲେ ।

ଏହାସହିତ ବ୍ଲକ୍ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ବୈଠକରେ ଯୋଗ ଦେଇ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ଏହି ଗସ୍ତ ସମୟରେ ଆଠମଲ୍ଲିକ ଉପଜିଲ୍ଲାପାଳ ଶ୍ରୀ ଉପେନ୍ଦ୍ର ଲୋହା, ଆଠମଲ୍ଲିକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଟିଟସ୍ ମହାନନ୍ଦିଆଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଦୁଃଖ ଦୁର୍ଦ୍ଦଶା ଭୋଗୁଛନ୍ତି ଚାଷୀ

## ବାପା ନାମରେ ଜମି ଥିଲେ ପୁଅ ମଣ୍ଡି ରେ ବିକି ପାରିବନି ଧାନ

ପିପିଲି,୯।୮(ନି.ପ୍ର.) -ଲଘୁଚାପ ଜନିତ ଲଗାଣ ବର୍ଷା ଚାଷୀର ଧାନ ତଳି ଓ ରୁଆ ଧାନ ପାଣି ରେ ବୁଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି । ଏହା ଭିତରେ ସରକାର କ୍ଷୟ କ୍ଷତି ର ଆକଳନ କଲେନି କି କ୍ଷତି ପୁରଣ ସେଥିପାଇଁ ମିଳିଲାନି। ମୁଣ୍ଡ ଝାଳ ତୁଣ୍ଡରେ ମାରି ପୂର୍ଣ୍ଣବାର ଧାନ ତଳି ପକାଇ ଚାଷ କାର୍ଯ୍ୟ ଆରମ୍ଭ କରିଛନ୍ତି ଚାଷୀ । କାହିଁକି ନା ଚାଷୀ ଭାଇ ଟିଏ ଚାଷ କଲେ ବର୍ଷ ତମାମ ପରିବାର ଭରଣ ପୋଷଣ କରିଥାଏ। ସେହି ଧାନ କୁ ବିକ୍ରି କରି ଅଭାବ ଅନାଟନ କୁ ଦୂର କରିଥାଏ । ଅନ୍ୟ ପଟେ ସରକାର ଙ୍କ ଅଜବ ନିୟମ ଏବେ ଚାଷୀଙ୍କ ମୁଣ୍ଡ ବିନ୍ଧା ର କାରଣ ପାଲଟିଛି। ଚାଷୀର ବାପା ନାମରେ ଜମିର ରେକର୍ଡ ରହିଛି । ବାପା ମୃତ ତାହାଲେ ତା ପୁଅ ଧାନ ମଣ୍ଡି ରେ ଦେଇ ପାରିବନି ବୋଲି ସରକାର ନିୟମ କରିଛନ୍ତି । ଯାହା ସରକାର ଙ୍କ ଅଜବ ନିୟମ ପାଇଁ ଚାଷୀ ଆନ୍ଦୋଳନ ର ରୂପ ନେବାକୁ ବସିଲାଣି । ଏହି ନିୟମରେ ବି ଭାଗ ଚାଷୀ ବାଦ ପଡି ପାରନ୍ତି ବୋଲି ସୂଚନା ମିଳିଛି । ପୁଣି ଏଗ୍ରି ଟ୍ୟାଗ ଜରୁରୀ। ଏସବୁ ନୂଆ ନିୟମ ଅଚାନକ ଲାଗୁ କରି ଚାଷୀଙ୍କୁ ଏକ ପ୍ରକାର ଚାପ ଗ୍ରସ୍ତରେ ରଖା ଯାଇଥିବା ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ସାହୁ ଅଭିଯୋଗ କରିଛନ୍ତି । ଏଭଳି ନିୟମ ପାଇଁ ୭୦ଭାଗ ଚାଷୀମାନେ ବାଦ ପଡିବେ। ମଣ୍ଡି ରେ ଧାନ ଦେଇପାରିବେ ନାହିଁ ବୋଲି ଶ୍ରୀ ସାହୁ ଅଭିଯୋଗ ଆଣିଛନ୍ତି। ତୁରନ୍ତ ପୂର୍ବ ରୁ ଯେପରି ଚାଷୀ ମାନେ ମଣ୍ଡି ରେ ଧାନ ଦେଉଥିଲେ। ସେହି ନିୟମ ବଳବତର ରହିବା ପାଇଁ ଦାବି କରିଛନ୍ତି ।ନହେଲେ ଚାଷୀ ମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବାନୀ ଦେଇଛନ୍ତି।

## ଡାହୁକ



ମୋଦି ସର୍କାରର ଅକଳ ଗୁଡମ
ଦିଶୁନେଇ ବୁଦ୍ଧି ବାଟ
ଆଗଭଳି ଆଉ ବାହସ୍ପଟ ମାରି
ଭୋଟ ପାଇବା କଷ୍ଟ
ଶାସନ କଳର ଚାପରେ ପଡିଛି
କଲେ ଚୌଗୁଣିଆ କାମ
ଜାଗ୍ରତରେ ଏବେ ଦେଶ ଭବିଷ୍ୟତ
ଜପେଇବେ ବାପ ନାମ
-ବିଧୁ

## ତାଳଚେର-ବିମଳାଗଡ଼' ରେଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଢେଙ୍କାନାଳ ସାଂସଦଙ୍କ ଦାବି

# ଚଳିତ ବର୍ଷ ୯୫୦ କୋଟି ଟଙ୍କା ରେଳ ପ୍ରକଳ୍ପ ପାଇଁ ଦିଆଯାଇଛି : ଅଶ୍ୱିନୀ ବୈଷ୍ଣବ

ଅନୁଗୋଳ(ମନ୍ଥନ) : ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ସଦାସର୍ବଦା ଲୋକଙ୍କର ସମସ୍ୟା କୁ ନେଇ ପାର୍ଲିଆମେଣ୍ଟ ରେ ଉପସ୍ଥାପନ କରି ଆସୁଛନ୍ତି । ପ୍ରାୟତଃ ପ୍ରତ୍ୟକ ଦିନ ପାର୍ଲିଆମେଣ୍ଟ ରେ ବିଭିନ୍ନ ପ୍ରସଙ୍ଗ ସହ ନିର୍ବାଚନ ମଣ୍ଡଳୀ ତଥା ଓଡିଶା ର ବିଭିନ୍ନ ସମସ୍ୟା ଉପରେ ସାଂସଦ ଶ୍ରୀ ପାଣି ଦାବୀ ଉଥାପନ କରିଥାନ୍ତି । ଗତ ବୁଧବାର ଦିନ ପ୍ରଶ୍ନ ସଂଖ୍ୟା ୨୮୯୦ ଲୋକସଭା ରେ ସାଂସଦ ରୁଦ୍ର ନାରାୟଣ ପାଣି ତାଳଚେର ବିମଳା ଗଡ଼ ରେଳ ପ୍ରକଳ୍ପ ର ଅଗ୍ରଗତି ନେଇ ଦାବୀ ଉପସ୍ଥାପନ କରିବା ସହ ସ୍ପଷ୍ଟୀକରଣ ମାଗିଛନ୍ତି ।

ସରକାରଙ୍କ ଦ୍ୱାରା 'ତାଳଚେର-ବିମଳାଗଡ଼' ରେଳ ପ୍ରକଳ୍ପର ସମାପ୍ତିକୁ ତ୍ୱରାନ୍ୱିତ କରିବାର ସମ୍ଭାବନା ଅଛି କି ନାହିଁ, ଏବଂ ଯଦି ଅଛି, ତେବେ ଏହାର ବିବରଣୀ;ଏହି ପ୍ରକଳ୍ପ କେବେ ସମାପ୍ତ ହେବାର ଆଶା କରାଯାଉଛି;ଡିସେମ୍ବର ୨୦୨୬ ଶେଷ ସୁଦ୍ଧା ପାଲଲହଡା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି କି ନାହିଁ, ଏବଂ ଯଦି ଅଛି, ତେବେ ଏହାର ବିବରଣୀ ପ୍ରକାଶ କରନ୍ତୁ ।ସରକାର ତାଳଚେର ଖମାର ପର୍ଯ୍ୟନ୍ତ ଶେଷ ହୋଇଥିବା ରେଳ ଲାଇନ କୁ ବିଚାର କରି ଖମାର ପର୍ଯ୍ୟନ୍ତ ଯାତ୍ରୀବାହୀ ଟ୍ରେନ୍ ଚଳାଇବାକୁ ପ୍ରସ୍ତାବ ଦେଉଛନ୍ତି କି ନାହିଁ, ଏବଂ ଯଦି ଅଛି, ତେବେ ଏହାର ବିବରଣୀ; ଏବଂ ପାଲଲହଡା ସଦର ନିକଟ ରେ ଦୁଇ କିଲୋମିଟର ମଧ୍ୟରେ



ଏକ ରେଳ ଷ୍ଟେସନ ନିର୍ମାଣ ପାଇଁ ଜନସାଧାରଣ ଙ୍କର ଦାବିକୁ ସରକାର ସହାନୁଭୂତିପୂର୍ବକ ବିଚାର କରିବେ କି, ଏବଂ ଯଦି ହଁ, ତେବେ ଏହାର ବିବରଣୀ ପ୍ରକାଶ କରିବାକୁ କେନ୍ଦ୍ର ରେଳମନ୍ତ୍ରୀ ଙ୍କ ନିକଟରେ ଢେଙ୍କାନାଳ ସାଂସଦ ଶ୍ରୀ ପାଣି ପାର୍ଲିଆମେଣ୍ଟ ରେ ଦାବୀ ଉପସ୍ଥାପନ କରିଛନ୍ତି । ସାଂସଦ ଙ୍କ ଦାବୀ କୁ ସହୃଦୟତାର ନେଇ ରେଳ, ସୂଚନା ଏବଂ ପ୍ରସାରଣ ଏବଂ ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲୋକସଭା ରେ ଉତ୍ତର ରଖିଛନ୍ତି ।

ତାଳଚେର-ବିମଳାଗଡ଼ (୧୫୦ କିଲୋମିଟର) ନୂତନ ରେଳ ଲାଇନ ପ୍ରକଳ୍ପ ଉତ୍ତର ଓଡ଼ିଶାର ଅନୁଗୁଳ, ଦେବଗଡ଼ ଏବଂ ସୁନ୍ଦରଗଡ଼ ଜିଲ୍ଲା ଦେଇ ଗତି କରେ। ପ୍ରକଳ୍ପର ସର୍ବଶେଷ ମୂଲ୍ୟ ୩,୩୯୦ କୋଟି। ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଏହି ପ୍ରକଳ୍ପରେ ୧,୯୦୧ କୋଟି ଖର୍ଚ୍ଚ ହୋଇଛି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୯୫୦ କୋଟି ବ୍ୟୟ ଅଟକଳ ଯୋଗାଇ ଦିଆଯାଇଛି। ତାଳଚେର-ଖମାର (୪୮ କିମି), କମିଶନ କରାଯାଇଛି। ଖମାର-ଗୋଳାବନ୍ଧ (୩୫ କିମି), ଆବଶ୍ୟକୀୟ ୧୧୦ ହେକ୍ଟର ଜମି ମଧ୍ୟରୁ, ୧୧୦ ହେକ୍ଟର ଅଧିଗ୍ରହଣ କରାଯାଇଛି। ଉପଲବ୍ଧ ଜମିରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ୬୧ ଟି କ୍ଷୁଦ୍ର ସେତୁ ମଧ୍ୟରୁ ୪୧ ଟି ନିର୍ମାଣ ସମାପ୍ତ ହୋଇଛି, ଏବଂ ଅବଶିଷ୍ଟ କ୍ଷୁଦ୍ର ସେତୁ ଉପରେ କାର୍ଯ୍ୟ ଆରମ୍ଭ ହୋଇଛି। ୧୧ ଟି ରୋଡ୍ ଓଭର ବ୍ରିଜ୍ (ଜଡଂଇ) ରୁ ୩ ଟି କାମ ସମାପ୍ତ ହୋଇଛି, ଏବଂ ଅବଶିଷ୍ଟ ଜଡଂଇ ର ନିର୍ମାଣ ଆରମ୍ଭ ହୋଇଛି। ୧୬ ଟି ରୋଡ୍ ଅଣ୍ଡର ବ୍ରିଜ୍ (ଜଟଇ) ରୁ ୧୨ ଟି କାମ ସମାପ୍ତ ହୋଇଛି, ଏବଂ ଅବଶିଷ୍ଟ ଜଟଇ ର ନିର୍ମାଣ ଆରମ୍ଭ ହୋଇଛି। ଗୋଲାବନ୍ଧ-ମହୁଲଡିହା (୩୫ କିମି ଆବଶ୍ୟକ ୧୧୩ ହେକ୍ଟର ଜମି ମଧ୍ୟରୁ ୬୯ ହେକ୍ଟର ଅଧିଗ୍ରହଣ କରାଯାଇଛି। ମହୁଲଡିହା-ବିମଳଗଡ (୩୨ କିମି) ଆବଶ୍ୟକୀୟ ୧୩୪ ହେକ୍ଟର ଜମି ମଧ୍ୟରୁ ୧୦୮ ହେକ୍ଟର ଅଧିଗ୍ରହଣ କରାଯାଇଛି। ଜଙ୍ଗଲ ଏବଂ ବନ୍ୟପ୍ରାଣୀ ମଞ୍ଜୁରୀ ପ୍ରାପ୍ତ ହୋଇଛି। ଉପଲବ୍ଧ ଜମିରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ୭୨ ଟି କ୍ଷୁଦ୍ର ସେତୁ ମଧ୍ୟରୁ ୩୯ ଟି ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି, ଏବଂ ଅବଶିଷ୍ଟ କ୍ଷୁଦ୍ର ସେତୁ ଉପରେ କାର୍ଯ୍ୟ ଆରମ୍ଭ ହୋଇଛି।

୨୫ ଟି ରୋଡ୍ ଅଣ୍ଡର ବ୍ରିଜ୍ (ଜଟଇ) ମଧ୍ୟରୁ ୧୨ ଟି କାର୍ଯ୍ୟ ସମାପ୍ତ ହୋଇଛି, ଏବଂ ଅବଶିଷ୍ଟ ଜଟଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବ ପ୍ରକାଶ କରିଛନ୍ତି ।



## ପଲ୍ଲୀ ଆଲୋକ ପାଠାଗାର ଦ୍ୱାରା ବିଶ୍ୱ ସ୍ତନ୍ୟପାନ ସପ୍ତାହ–୨୦୨୬ ପାଳିତ

**ବଲାଙ୍ଗୀର,୯।୮ :(ମନ୍ଥନ)**ମା' ଓ ଶିଶୁଙ୍କ ସୁସ୍ଥ ଭବିଷ୍ୟତ ପାଇଁ ସ୍ତନ୍ୟପାନ ସମ୍ପର୍କରେ ସଠିକ୍ ଜ୍ଞାନ, ସକାରାତ୍ମକ ଅଭ୍ୟାସ ଏବଂ ପରିବାର ଓ ସମୁଦାୟର ସହଯୋଗ ବୃଦ୍ଧି କରିବା ଉଦ୍ଦେଶ୍ୟରେ ପଲ୍ଲୀ ଆଲୋକ ପାଠାଗାର (ଚଇଚ) ପକ୍ଷରୁ ଚାଇଲ୍ଡ ରାଇଟ୍ସ ଆଣ୍ଡ ୟୁ (ଉଜଣ), କୋଲକାତାର ସହଯୋଗରେ ବିଭିନ୍ନ ଅଞ୍ଚଳରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ–୨୦୨୬ ପାଳନ କରାଯାଇଛି ।ଏହି ଅବସରରେ ବରଗଡ଼ ଜିଲ୍ଲାର ପାଇକମାଳ ବ୍ଲକର ପଲସଡ଼ା ଓ କେର୍ମେଲାବାହାଲ, ଗାଇସିଲେଟ ବ୍ଲକର କଟାବାହାଲ, ଏବଂ ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼ ବ୍ଲକର ଫଟାମୁଣ୍ଡା ଓ ଭରତବାହାଲ ଗ୍ରାମପଞ୍ଚାୟତରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।କାର୍ଯ୍ୟକ୍ରମଗୁଡ଼ିକରେ ସଚେତନତା କର୍ମଶାଳା, କୁଇଜ୍ ପ୍ରତିଯୋଗିତା, ଶପଥ ଗ୍ରହଣ, ଜନସଚେତନତା ରାଲି ଏବଂ 'ଆୟ ଓ ବ୍ୟୟ' ଭଳି ଶିକ୍ଷଣୀୟ ଖେଳ ଆୟୋଜନ କରାଯାଇଥିଲା। ଖେଳ ଓ ପ୍ରତିଯୋଗିତା ମାଧ୍ୟମରେ ମା' ଓ ଶିଶୁଙ୍କ ପୋଷଣ, ସ୍ତନ୍ୟପାନ ଏବଂ ପରିବାରର ଭୂମିକା




ସମ୍ପର୍କରେ ସହଜ ଓ ଆକର୍ଷଣୀୟ ଭାବରେ ସନ୍ଦେଶ ପହଞ୍ଚାଯାଇଥିଲା ।ସଚେତନତା କାର୍ଯ୍ୟକ୍ରମରେ ଶିଶୁ ଜନ୍ମ ପରେ ଯଥାଶୀଘ୍ର କୋଲଷ୍ଟ୍ରମ୍ ବା ପ୍ରଥମ କ୍ଷୀର ପିଆଇବା ଏବଂ ଶିଶୁର ଜୀବନର ପ୍ରଥମ ୬ ମାସ ପର୍ଯ୍ୟନ୍ତ କେବଳ ମା' କ୍ଷୀର ଦେବାର ଗୁରୁତ୍ୱ ଉପରେ ବିଶେଷ ଆଲୋଚନା କରାଯାଇଥିଲା। କୋଲଷ୍ଟ୍ରମ୍ ଶିଶୁର ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହେବା ସହିତ ସ୍ତନ୍ୟପାନ ଶିଶୁର ସଠିକ୍ ବୃଦ୍ଧି ଓ ବିକାଶ ପାଇଁ ଆବଶ୍ୟକ ପୋଷଣ ଯୋଗାଇଥାଏ ବୋଲି ବୁଝାଯାଇଥିଲା।ଏହା ସହିତ ସ୍ତନ୍ୟପାନର ମା'ଙ୍କ ପାଇଁ ଥିବା ବିଭିନ୍ନ ଉପକାରିତା ଏବଂ ମା'ଙ୍କୁ ପରିବାର ପକ୍ଷରୁ ଆବଶ୍ୟକ ସହଯୋଗ ଦେବାର ଗୁରୁତ୍ୱ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସଠିକ୍ ସ୍ତନ୍ୟପାନ ପଦ୍ଧତି, ଶିଶୁକୁ ଠିକ୍ ଭାବରେ ଧରିବା, ସଠିକ୍ ଲାଚିଂ ଏବଂ ମା' ଓ ଶିଶୁର ଶାରୀରିକ ସମ୍ପର୍କର ଗୁରୁତ୍ୱ ବିଷୟରେ ମଧ୍ୟ ଅଂଶଗ୍ରହଣକାରୀମାନଙ୍କୁ ଜଣାଇ ଦିଆଯାଇଥିଲା।ଏହି ସମସ୍ତ କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ସମୁଦାୟ ନେତୃବୃନ୍ଦ, ମା' ଗୋଷ୍ଠୀ, ଗର୍ଭବତୀ ମହିଳା, ସ୍ତନ୍ୟଦାନକାରୀ ମା' ଏବଂ କିଶୋରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ କୋଲଷ୍ଟ୍ରମ୍ ଓ ଏକ୍ସକ୍ଲୁସିଭ୍ ବ୍ରେଷ୍ଟଫିଡିଂର ଗୁରୁତ୍ୱ ଜାଣିବା ସହିତ ନିଜ ପରିବାର ଓ ସମୁଦାୟରେ ସଠିକ୍ ସ୍ତନ୍ୟପାନ ଅଭ୍ୟାସକୁ ପ୍ରୋତ୍ସାହନ ଦେବା ପାଇଁ ସଂକଳ୍ପ ନେଇଥିଲେ ।ପରିବାରର ସହଯୋଗ ଓ ସମୁଦାୟର ସକାରାତ୍ମକ ପରିବେଶ ଥିଲେ ଜଣେ ମା' ସହଜରେ ଶିଶୁକୁ ସଠିକ୍ ଭାବରେ ସ୍ତନ୍ୟପାନ କରାଇପାରିବେ। ତେଣୁ ମା'ଙ୍କୁ ଏକାକୀ ଦାୟିତ୍ୱ ନଦେଇ ପରିବାରର ସମସ୍ତ ସଦସ୍ୟ, ଅଙ୍ଗନୱାଡ଼ି କର୍ମୀ, ଆଶା ଓ ସମୁଦାୟ ନେତାମାନେ ମିଳିତ ଭାବରେ ସହଯୋଗ କରିବା ଆବଶ୍ୟକ ବୋଲି କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଥିଲା ।ସମଗ୍ର କାର୍ଯ୍ୟକ୍ରମକୁ ପଲ୍ଲୀ ଆଲୋକ ପାଠାଗାରର ପ୍ରକଳ୍ପ ସଂଯୋଜକ ଶ୍ରୀ ହୀରାଲାଲ ମିଶ୍ର, ଶ୍ରୀ ପ୍ରଶାନ୍ତ ଥାପା, ଶ୍ରୀମତୀ ଲିଲିମା ପଧାନ, ଶ୍ରୀମତୀ ରଶ୍ମିତା ବାରିକ, ଶ୍ରୀମତୀ ଶଶମିତା ମିଶ୍ର ଏବଂ ଶ୍ରୀ ପ୍ରଶାନ୍ତ କୁଅଁରଙ୍କ ସମନ୍ୱୟରେ ସଫଳତାର ସହ ଆୟୋଜନ କରାଯାଇଥିଲା।

## ଶିକ୍ଷକଙ୍କ ନ୍ୟାୟସଙ୍ଗତ ଦାବି ପାଇଁ ଏକାଠି ହେଲା ଓଷ୍ଟା;ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସ୍ମାରକ ପତ୍ର

**ବଲାଙ୍ଗୀର,୯।୮ :(ମନ୍ଥନ)**ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା) ବଲାଙ୍ଗୀର ପକ୍ଷରୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପରିସରରେ ଏକ ସଭା ଆୟୋଜନ ହୋଇଥିଲା ।ଜିଲ୍ଲା ଓଷ୍ଟା ସଭାପତି ପ୍ରଦୀପ ପୁଟେଲ,ସମ୍ପାଦକ ଶଙ୍କର ପ୍ରସାଦ ମିଶ୍ର,ଜିଲ୍ଲା କାର୍ଯ୍ୟକାରୀ ସଭାପତି ଅନିଲ ସାହୁ,ରାଜ୍ୟ ଉପସଭାପତି ସୁଧୀର ନାଏକ ଙ୍କ ନେତୃତ୍ୱରେ ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ,ଉଚ୍ଚଶିକ୍ଷା ମନ୍ତ୍ରୀ,ଆଇନ ମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଈଶଲୱାର ଓ ଜିଲ୍ଲା ଶିକ୍ଷାଧିକାରୀ ସୁଧାଂଶୁ ଶେଖର ମିଶ୍ର ଙ୍କ ଜରିଆରେ ପ୍ରଦାନ କରାଯାଇଛି ।ଏହି ସ୍ମାରକ ପତ୍ର ରେ ସମସ୍ତ ଯୋଗ୍ୟ ସ୍କୁଲ ଓ କଲେଜ କୁ ଜିଆଇଏ ଅନ୍ତର୍ଭୁକ୍ତ କରାଯାଇ ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ ଓ କଲେଜ ର ଶିକ୍ଷକ ଏବଂ କର୍ମଚାରୀଙ୍କୁ ପେନସନ ଓ ସେବା ସର୍ତ୍ତ ପ୍ରଦାନ କରିବା,ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ ଓ କଲେଜ ର ଶିକ୍ଷକ ଓ ଅଣଶିକ୍ଷକ ପଦବୀରେ ନିଯୁକ୍ତି ଶୀଘ୍ର ଆରମ୍ଭ କରାଯାଉ ଏବଂ ଅବସର ଗ୍ରହଣ ର ବୟସ ୬୦ ବର୍ଷ ରୁ ବଢ଼ାଇ ୬୨ବର୍ଷ କରାଯାଉ,ସମସ୍ତ ବର୍ଗର କର୍ମଚାରୀଙ୍କ ବେତନ ବୈଷମ୍ୟ ଦୂର କରାଯାଉ,ଚୁକ୍ତିଭିତ୍ତିକ ଶିକ୍ଷକ ମାନଙ୍କୁ ୬ଟି ନୋସନାଲ ବେତନ ବୃଦ୍ଧି ପ୍ରଦାନ କରାଯାଉ,ସମସ୍ତ ଅନୁଦାନ ପ୍ରାପ୍ତ ଓ ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ ଓ କଲେଜ କୁ



ସରକାରୀକରଣ କରାଯାଇ ସମସ୍ତଙ୍କ ପାଇଁ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରାଯାଉ ବୋଲି ଉଲ୍ଲେଖ ହୋଇଛି ।ଏହି ସ୍ମାରକ ପତ୍ର ପ୍ରଦାନ ସମୟରେ ଓଷ୍ଟା ରାଜ୍ୟ ଉପସଭାପତି ସୁଧୀର ନାଏକ,ଜିଲ୍ଲା ସଭାପତି ପ୍ରଦୀପ ପୁଟେଲ,ଜିଲ୍ଲା ସମ୍ପାଦକ ଶଙ୍କର ପ୍ରସାଦ ମିଶ୍ର,ଜିଲ୍ଲା କାର୍ଯ୍ୟକାରୀ ସଭାପତି ଅନିଲ ସାହୁ,ସଭ୍ୟ ନରେନ୍ଦ୍ର ମିଶ୍ର,ଶରତ ରାଉତ,ଗୋବର୍ଦ୍ଧନ ସାହୁ,ଅମୂଲ୍ୟ ବେହେରା,ମନୋଜ ବେହେରା,ଐଶ୍ୱର୍ଯ୍ୟ ଶେଖର ଦେବତା ପ୍ରମୁଖ ଶିକ୍ଷକ ମାନଙ୍କ ପ୍ରମୁଖ ଦାବୀ ଗୁଡିକ ଉପରେ ଉଦବୋଧନ ଦେଇଥିଲେ ।ଜିଲ୍ଲା କାର୍ଯ୍ୟକାରୀ ସଭାପତି ଅନିଲ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ବଲାଙ୍ଗୀର ବ୍ଲକ ଓଷ୍ଟା ସମ୍ପାଦକ ସଞ୍ଜୟ ତ୍ରିପାଠୀ ।କାର୍ଯ୍ୟକ୍ରମ ରେ ଶତାଧିକ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ ।ଶିକ୍ଷକ ଭକ୍ତବନ୍ଧୁ ପୁରୋହିତ,ଲଲାଟକେଶରୀ ପଧାନ,ଅରବିନ୍ଦ ପଧାନ,ଅନୁପ ବାଗ,ଦିଲୀପ ପଧାନ ଓ ଗୋବିନ୍ଦ ବଗର୍ତ୍ତୀ ସହଯୋଗ କରିଥିଲେ ।

## ଚାଇଲ୍ଡ ହେଲ୍ପ ଲାଇନ୍ ତରଫରୁ ଶିଶୁ ସୁରକ୍ଷା ଓ ସଚେତନତା କାର୍ଯକ୍ରମ

**ବଲାଙ୍ଗୀର,୯।୮ :(ମନ୍ଥନ)**ବଲାଙ୍ଗୀର ଜିଲ୍ଲା ର ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବଲାଙ୍ଗୀର ଠାର ଚାଇଲ୍ଡ ହେଲ୍ପ ଲାଇନ୍ ତରଫରୁ ଶିଶୁ ସୁରକ୍ଷା ଓ ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯକ୍ରମରେ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ନୂତନ ନାଏକ୍ ଙ୍କ ଅଧକ୍ଷତାରେ ସଭା କାର୍ଯକ୍ରମ ଆରମ୍ଭ କରାଗଲା ।କାର୍ଯକ୍ରମରେ ଶିକ୍ଷକ ସମସ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ।କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ଅରୁଣ ଖୁଆସ ମିଶନ ବସଲ୍ୟ ଯୋଜନା ଉପରେ ଆନୁଷ୍ଠାନିକ ଯତ୍ନ ଓ ଅଣ ଆନୁଷ୍ଠାନିକ ଯତ୍ନ ଉପରେ ଶିଶୁ ସୁରକ୍ଷା



ଉପରେ ବିଭିନ୍ନ ଯୋଜନା ସମ୍ପର୍କରେ ଜଣାଇଥିଲେ। ଏହି ସଚେତନତା ସଭାରେ ଚାଇଲ୍ଡ ହେଲ୍ପ ଲାଇନ୍ ର ବସନ୍ତ ହରପାଲ କହିଲେ ଅସୁରକ୍ଷିତ ଘେରରେ ଥିବା ଶିଶୁ ମାନଙ୍କୁ ସୁରକ୍ଷା,ସାହାଯ୍ୟ କରିବାକୁ ଶିଶୁ ମାନଙ୍କ ନିମନ୍ତେ ଜରୁରୀ କାଳୀନ ଭିତ୍ତିରେ ୧୦୯୮ ଚାଇଲ୍ଡ ହେଲ୍ପ ଲାଇନ ସର୍ଭିସେସ କୁ ଫୋନ୍ କରିବାକୁ ଜଣାଇଥିଲେ ।ବାଲ୍ୟ ବିବାହ,ଶିଶୁ ଶ୍ରମିକ ରୋକିବାକୁ ମଧ୍ୟ ଜଣାଇଥିଲେ ।କାର୍ଯ୍ୟକ୍ରମରେ ସୁଦନ ଖମାରୀ,ସୁନ୍ଦର୍ ସା,ଶୁଭମ୍ ଜେନା ଓ ଡୋଳି ସାହୁ ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ପୃଥ୍ୱୀରାଜ ହାଇସ୍କୁଲ ୧୯୭୭ ସାମାଜିକ ସାଂସ୍କୃତିକ ସଂଘ ପକ୍ଷରୁ ବୃକ୍ଷରୋପଣ

**ବଲାଙ୍ଗିର,୯।୮ :(ମନ୍ଥନ)**ଆଜି ବଲାଙ୍ଗିର ପୃଥ୍ୱୀରାଜ ହାଇସ୍କୁଲ ୧୯୭୭ ସାମାଜିକ ସାଂସ୍କୃତିକ ସଂଘ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ସ୍ଥାନୀୟ ବେହେରାପାଲି ରେଲୱେ ଓଭର ବ୍ରିଜ ରାସ୍ତା ଉଭୟ ପାର୍ଶ୍ୱରେ ୨୫ ଗୋଟି ବୃକ୍ଷ ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ମୋହନ ଗୋପାଳ ପଣ୍ଡାଙ୍କ ନେତୃତ୍ୱରେ ଉପସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସଂପାଦକ ଡା. ସୁକାନ୍ତ ପୁରୋହିତ, କୋଷାଧ୍ୟକ୍ଷ ବ୍ରଜବନ୍ଧୁ ସାଏ, ସହ ସଂପାଦକ ପ୍ରଦୀପ ମିଶ୍ର, ସଦସ୍ୟ ରାଜ କିଶୋର ଦାଶ, ସଲିମ



ଖାନ, ଶରତ ଶ୍ରୀଚନ୍ଦନ, ଭଗବାନ ବଗର୍ତ୍ତି, ଅଶୋକ ରଣା, ଜୟପ୍ରକାଶ ପଣ୍ଡା, ଅମରଦୀପ ପାଣିଗ୍ରାହୀ, ଡା. ସିଦ୍ଧେଶ୍ୱର ମିଶ୍ର ପ୍ରମୁଖ ଯୋଗ ଦେଇ ନିମ୍ବ, ବଉଳ, କରଞ୍ଜ ଆଦି ବୃକ୍ଷ ଲଗାଇବା ସହ ପରିବେଶ ସୁରକ୍ଷା ପାଇଁ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ । ପ୍ରକୃତି ପ୍ରେମୀ ପ୍ରଦୋଷ ପତି ସହଯୋଗ କରିଥିଲେ । ବୃକ୍ଷ ଗୁଡିକର ରକ୍ଷଣା ବେକ୍ଷଣ ପାଇଁ ସଂଘ ପକ୍ଷରୁ ଖୁଣ୍ଟ ଓ ସବୁଜ କପଡା ଘେରା ବାଉଣ୍ଡରୀ କରାଯାଇଥିଲା । ଆଗାମୀ ଦିନ ବହୁ ସଂଖ୍ୟାରେ ବୃକ୍ଷରୋପଣ କରିବା ପାଇଁ ସଂଘ ନିଷ୍ପତ୍ତି ନେଇଛି ।

## ରଘୁନାଥପୁର ପଞ୍ଚାୟତ ରେ ୬ଦିନ ଧରି ପାନୀୟ ଜଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ

**ଜଗତସିଂହପୁର, ୯।୮ :(ମନ୍ଥନ)**ଜଗତସିଂହପୁରଜିଲ୍ଲା ରଘୁନାଥପୁରବ୍ଲକର ରଘୁନାଥପୁର ବଜାର ମଧଭାଗ ଦେଇ ଯାଇଥିବା କେନାଲରଟିର ସଫେଇ କାର୍ଯ୍ୟ ଅଗଷ୍ଟ ମାସ କରାଯାଉଥିବା ରୁ ଅଞ୍ଚଳ ର ଚାଷୀଙ୍କ ମଧ୍ୟରେ ତିବ୍ରପତିକ୍ରିୟା ଦେଖାଦେଇଛି ।ତେବେ କଟକ ଦକ୍ଷୀଣବିଭାଜନର ସୋମପୁର ସେକ୍ସନକାର୍ଯ୍ୟାଳୟ ଅଧିନରେଥିବା ତାଳଦଣ୍ଡା କେନାଲର ଏହି ଶାଖା ୭ ନମ୍ବର ସି କେନାଲଉପରେ ଶହଶହ ହେକ୍ଟର ଚାଷଜମୀ ନିର୍ଭରଶୀଳ ।କେନାଲ ସଫେଇ କାର୍ଯ୍ୟ ଜୁଲାଇମାସ ସୁଧା ଶେଷହେବା କଥା ମାତ୍ର ବିଭାଗୀୟ ଅଧିକାରୀ ମାନଙ୍କ ଚରମଅବହେଳା ଯୋଗୁ ଅଗଷ୍ଟମାସରେ କେନାଲରେ ପାଣିଚାଲୁଥିବା ସମୟରେ ଜେସିବି ମେସିନ ସାହାଯ୍ୟ ରେ ଏହାର ସଫେଇ କରାଯାଇଥିବାରୁ କେନାଲ ଗର୍ଭରୁ ସଠିକଭାବରେ ଅଳିଆ ସଫେଇ ହୋଇପାରିନାହିଁ ।ଯାହାଫଳରେ କେନାଲରେ ଜଳଧାରଣ କ୍ଷମତା ହ୍ରାସ ପାଉଥିବାରୁ ଜମିରେ ଯେଉଁପରିମାଣରେ ପାଣିମାଡିବାକଥା ସେହିପରିମାଣରେ ମାଡିପାରୁନଥିବା ଚାଷୀ ଅଭିଯୋଗ କରିଛନ୍ତି ।ଅପର ପକ୍ଷରେ ଜେସିବି ମେସିନ କେନାଲ ସଫାକରିବା ସମୟରେ କଣ୍ଟୁଆରଠାରୁ ରଘୁନାଥପୁର ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାନୀୟ ଜଳଯୋଗାଣପାଇଁ ବିଛାଯାଇଥିବା ପାଇପଲାଇନକୁ ଖୋଳିନଷ୍ଟ କରିଦେଇଥିବାରୁ ଜଳଯୋଗାଣ ୬ଦିନହେବ ଠପ ହୋଇପଡିଛି ।ପିଇବାପାଣି ପାଇଁ ଲୋକମାନେ ଡହଳବିକଳ ହେଉଥିବାବେଳେ ରଘୁନାଥପୁର ସରପଞ୍ଚ ଙ୍କ ପ୍ରତିନିଧି ସମାଜସେବୀ ଚନ୍ଦ୍ରକାନ୍ତ ପଣ୍ଡା ଏଥିରେ ହସ୍ତକ୍ଷେପ କରିବାରୁ ଜଳଯେଆଗାଣ ସ୍ୱଭାବିକ ହୋଇଥିଲେବି ପଞ୍ଚାୟତ କାର୍ଯ୍ୟାଳୟ ରେ ଲାଗିଥିବା ସୋଲାରସିଷ୍ଟମ ପାଇପକୁ ଜେସିବି ଅଧିକ ଖୋଳିନଷ୍ଟକରି ପକାଇଥବାରୁ ଏହିକାର୍ଯ୍ୟହୋଇପାରିନାହିଁ। ଏହିକାର୍ଯ୍ୟକୁ ତ୍ୱରିତ କରାଯିବ ବୋଲି ସମାଜସେବୀ ପଣ୍ଡାକହିଛନ୍ତି ।ଜଳସେଚନ ବିଭାଗ ର ଏତେ ବେପରୁଆ ଓ ମନମାନି କାର୍ଯ୍ୟକୁ ସେ ନିନ୍ଦାକରିବା ସହ ଏହି ବେପରୁଆ କାର୍ଯ୍ୟପାଇଁ ସରକାର ଙ୍କ ଯେଉଁ ରାଜସ୍ୱକ୍ଷତିହେଉଛି ତାକୁ ଭରଣା କରିବକିଏ ବୋଲି ବିଭାଗକୁ ପ୍ରଶ୍ନ କରିଛନ୍ତି।

## ଜଣେ ଲେଖାଏଁ ଶିକ୍ଷୟିତ୍ରୀରେ ଚାଲିଛି ୨ଟି ବିଦ୍ୟାଳୟ , ପ୍ରତିକାର ଦାବି

**ବୁଗୁଡ଼ା,୯।୮ :(ମନ୍ଥନ)**ବୁଗୁଡ଼ା କ୍ଲଷ୍ଟର ଅନ୍ତର୍ଗତ ପ୍ରଧାନ ସଡକ ପ୍ରାଥମିକ ବିଦ୍ୟାଳୟଟି ଜଣେ ମାତ୍ର ଶିକ୍ଷୟିତ୍ରୀଙ୍କୁ ନେଇ ଚାଲିଥିବା ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ମୋଟ ୩୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲା ବେଳେ ବିଦ୍ୟାଳୟର ଦୁଇ ଜଣ ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ଜଣେ ପ୍ରସୂତି ଛୁଟିରେ ଯାଇଥିବାରୁ ବିଦ୍ୟାଳୟର ଅନ୍ୟାନ୍ୟ ଦାୟିତ୍ୱ ସହ ପାଞ୍ଚଟି ଶ୍ରେଣୀକୁ ଜଣେ ଶିକ୍ଷୟିତ୍ରୀ ଯୋଗୁଁ ପିଲାଙ୍କ ସଠିକ୍ ପାଠପଢା ମଧ୍ୟ ସମ୍ଭବ ହୋଇପାରୁନି। ଅନ୍ୟପକ୍ଷରେ ଶିକ୍ଷୟିତ୍ରୀଙ୍କ କୌଣସି ଅସୁବିଧା ହେଲେ ପିଲାଙ୍କ ପାଠପଢା ପୂରାପୂରି ଠପ୍ ହୋଇଯାଉଛି। ସେହିପରି ବୁଗୁଡ଼ା କ୍ଲଷ୍ଟର ଅନ୍ତର୍ଗତ କାଦପଡା ଗ୍ରାମସ୍ଥ ପ୍ରାଥମିକ ବିଦ୍ୟାଳୟ ମଧ୍ୟ ଏପରି ପରିସ୍ଥିତି ଦେଇ ଗତି କରୁଛି। ସେହି ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ପୂର୍ବରୁ ଦୁଇ ଜଣ ଶିକ୍ଷୟିତ୍ରୀ ଥିଲେ। ତେବେ ଗତ ଜୁଲାଇ ୩୧ ତାରିଖ ଦିନ ସେଥିରୁ ଜଣେ ଶିକ୍ଷୟିତ୍ରୀ ଅବସର ଗ୍ରହଣ କରିବା ପରେ ଜଣେ ମାତ୍ର ଶିକ୍ଷୟିତ୍ରୀଙ୍କ ଭରସାରେ ସେହି ବିଦ୍ୟାଳୟର କାର୍ଯ୍ୟ ଚାଲୁଥିବା ଯୋଗୁଁ ମୁଖ୍ୟ ସଡକ ପ୍ରାଥମିକ ବିଦ୍ୟାଳୟ ଭଳି ଦୂରବସ୍ଥା ସୃଷ୍ଟି ହୋଇଛି। ଏଣୁ ସ୍ଥାନୀୟ ଶିକ୍ଷା ପ୍ରଶାସନ ଉପରୋକ୍ତ ପ୍ରାଥମିକ ବିଦ୍ୟାଳୟ ଦ୍ୱୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ଆବଶ୍ୟକୀୟ ଶିକ୍ଷାଦାନ ନିମନ୍ତେ ଯଥାଶୀଘ୍ର କୌଣସି ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି ହେଉଛି।

## ଡ଼. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟରେ ଶକ୍ତି ଶ୍ରୀ କାର୍ଯ୍ୟକ୍ରମର ଉଦଘାଟନ ଉତ୍ସବ ଅନୁଷ୍ଠିତ

**କବିସୂର୍ଯ୍ୟନଗର,୯।୮ :(ମନ୍ଥନ)** ଆଜି ସ୍ଥାନୀୟ ଡ଼. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଶକ୍ତି ଶ୍ରୀ କାର୍ଯ୍ୟକ୍ରମ ସହିତ ଇନ୍‌ଟେର୍ନାଲ କଲେଜ୍ କମିଟିର ଉଦ୍ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ଡ଼. ଅବନୀ ରଞ୍ଜନ ମିଶ୍ର ସଭାପତିତ୍ୱ କରିଥିଲାବେଳେ ଅଧାପକ ହେମନ୍ତ କୁମାର ଗନ୍ତାୟତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପକ ପ୍ରଭାତ କୁମାର ନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ଅଧାପିକା ଶ୍ରୀମତୀ ରୁନି ପାଣିଗ୍ରାହି (ଶକ୍ତିଶ୍ରୀ ସଞ୍ଚ?ଯିକା), ଡ଼ ସୈ।ଭାଗ୍ୟ ମଞ୍ଜରୀ ନାଥ(ମୁଖ୍ୟ ବକ୍ତା),ଶ୍ରୀମତୀ ବିଷ୍ଣୁପ୍ରିୟା ଦାସ (ମୁଖ୍ୟ ଅତିଥି)ଭାବେ ଯୋଗ ଦେଇଥିଲେ ଏବଂ ନିର୍ଦ୍ଦେଶିକା ଜୟନ୍ତି କୁମାରୀ ପ୍ରଧାନ ଉପଶାସ୍ତ୍ରୀ ଓ ଶାସ୍ତ୍ରୀ ଛାତ୍ରୀ ମାନଙ୍କ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ। ଗ୍ରନ୍ଥାଗାରିକା ସୁଶ୍ରୀ ସୁଜଟି ସ୍ୱାଇଁ ଓ କିରାଣୀ ଶ୍ରୀମତୀ ଧରିତ୍ରୀ ପ୍ରଧାନ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥିଲେ ।ଏହି କର୍ମଶାଳା ସାତ ଦିନ ଅର୍ଥାତ ଆସନ୍ତା ୧୩-୦୮-୨୦୨୬ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାଯାଇଛି।

## ଜିନ୍ଦଲ ଷ୍ଟିଲର ପ୍ରତିଷ୍ଠାତା ଓପି ଜିନ୍ଦଲଙ୍କ ୯୬ତମ ଜୟନ୍ତୀ ପାଳିତ

**ଯୋଡା/ବଡବିଲ,୯।୮ :(ମନ୍ଥନ)** ଜିନ୍ଦଲ ଷ୍ଟିଲର ପ୍ରତିଷ୍ଠାତା ଶ୍ରୀ ଓ.ପି ଜିନ୍ଦଲ (ବାଉଜୀ)ଙ୍କ ୯୬ତମ ଜୟନ୍ତୀ ଅଗଷ୍ଟ ୭ ତାରିଖରେ ଜିନ୍ଦଲ ଷ୍ଟିଲର ବଡବିଲ ପେଲେଟ୍ ପ୍ଲାଣ୍ଟ, ଟେନ୍ସା, କାସିଆ ଏବଂ ରୋଇଡା- ଓ (ବିକେଟିଆର) ଖଣି ଅଞ୍ଚଳରେ ପାଳିତ ହୋଇଯାଇଛି। ଏହି ଅବସରରେ ଜିନ୍ଦଲ ପରିବାର ପକ୍ଷରୁ ବାଉଜୀ ଶ୍ରୀ ଓ.ପି ଜିନ୍ଦଲଙ୍କୁ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ, ବିଭିନ୍ନ ୟୁନିଟରେ ଆଧ୍ୟାତ୍ମିକ, ସାଂସ୍କୃତିକ, କ୍ରୀଡା ଏବଂ ସମାଜସେବା କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା। ବଡବିଲ ପେଲେଟ ପ୍ଲାଣ୍ଟ ସ୍ଥିତ ଶ୍ରୀ ଦେବେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ଶ୍ରୀ ଓ. ପି. ଜିନ୍ଦଲଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରଯାଇଥିଲା। କାର୍ଯ୍ୟକ୍ରମରେ ୟୁନିଟ୍ ହେଡ୍ ଶ୍ରୀ ସତୀଶ ସିନ୍ଦୁରିଆ, ଭାଇସ୍ ପ୍ରେସିଡେଣ୍ଟ ଶ୍ରୀ ଏସ୍.କେ ଶର୍ମା, ମାନବ ସମ୍ବଳ ମୁଖ୍ୟ ଶ୍ରୀ ବିକାଶ ଘୋଷଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ସେମାନଙ୍କ ପରିବାରବର୍ଗ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଟାଉନସିପ୍ ପରିସରରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ବାଉଜୀଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଜଣାଇ ଜିନ୍ଦଲ ନଗର ଲେଡିଜ୍ କ୍ଲବ ପକ୍ଷରୁ କମ୍ୟୁନିଟି ହଲ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥି




ସହିତ କାସିଆ ଆଇରନ ଖଣି ଟାଉନସିପ୍ ମନ୍ଦିର ପରିସରରେ ମଧ୍ୟ ପୂଜା ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ବିକେଟିଆର ୟୁନିଟ୍‌ର କ୍ଲଷ୍ଟର ହେଡ୍ ଶ୍ରୀ ପ୍ରମୋଦ କୁମାର ପାତ୍ରଙ୍କ ସମେତ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ସାମିଲ ହୋଇଥିଲେ। ଟାଉନସିପ୍ ? ପରିସରରେ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା।

ଟେନ୍ସା ୟୁନିଟ୍ ପକ୍ଷରୁ ମଧ ଟାଉନ୍‌ସିପ୍ ମନ୍ଦିର ପରିସରରେ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ୟୁନିଟ୍ ହେଡ୍ ଶ୍ରୀ ରାଜେଶ ପଟେଲଙ୍କ ସମେତ ୟୁନିଟର ବରିଷ୍ଠ ଅଧିକାରୀ ଏବଂ ସେମାନଙ୍କ ପରିବାରବର୍ଗ ସାମିଲ ହୋଇଥିଲେ। ଏହି ଅବସରରେ ସି.ଏସ୍.ଆର୍ ଟିମ୍ ପକ୍ଷରୁ ଡେଙ୍ଗୁଲା ସରକାରୀ SSD ହାଇସ୍କୁଲର ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ବ୍ୟାଗ୍ ବଣ୍ଟନ କରାଯାଇଥିଲା। ୟୁନିଟ୍ ହେଡ୍‌ଙ୍କ ସମେତ ବରିଷ୍ଠ ଗ୍ରାମବାସୀ, ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।ବାଉଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ କୁରୁକ୍ଷେତ୍ର ସାଂସଦ ତଥା ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ଶ୍ରୀ ନବୀନ ଜିନ୍ଦଲ କହିଛନ୍ତି, "ସଫଳତା ପାରିପାର୍ଶ୍ୱିକ ପରିସ୍ଥିତି ଦ୍ୱାରା ନିର୍ଦ୍ଧାରିତ ହୁଏ ନାହିଁ, ବରଂ ସଂକଳ୍ପ, ସାହସ, ଏବଂ ନିଜର କର୍ମ ଦ୍ୱାରା ନିର୍ଦ୍ଧାରିତ ହୁଏ"। ବାଉଜୀ, ଆପଣଙ୍କ ଚିନ୍ତାଧାରା ଓ ମୂଲ୍ୟବୋଧ ଆଜି ମଧ୍ୟ ଆମକୁ ପଥପ୍ରଦର୍ଶନ କରୁଛି। ସେ ଆହୁରି କହିଛନ୍ତି ଯେ, "ପୂଜ୍ୟ ବାଉଜୀ ଶ୍ରୀ ଓମ୍ ପ୍ରକାଶ ଜିନ୍ଦଲଜୀଙ୍କ ୯୬ତମ ଜୟନ୍ତୀରେ ମୁଁ ତାଙ୍କୁ ହୃଦୟରୁ ଶ୍ରଦ୍ଧାଞ୍ଜଳି ଜଣାଉଛି। ତାଙ୍କର ଚିନ୍ତାଧାରା ଏବଂ ଆଦର୍ଶ ଜିନ୍ଦଲ ପରିବାର ସହ ଲକ୍ଷ ଲକ୍ଷ ଭାରତୀୟଙ୍କୁ ଦେଶ ନିର୍ମାଣ ପଥରେ ପ୍ରେରଣା ଦେଉଛି" ।ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ସି.ଏସ୍.ଆର ମୁଖ୍ୟ ଶ୍ରୀ ଉର୍ଜିଲ ଲାକ୍ରାଙ୍କ ନେତୃତ୍ୱରେ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକରେ ବିଭିନ୍ନ କ୍ରୀଡା ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ବିଦ୍ୟାଳୟଗୁଡ଼ିକରେ ତର୍କ, କୁଇଜ୍, ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ବଡବିଲ ସୋୟାବାଲିସ୍ଥିତ ଜିନ୍ଦଲ ସ୍କୁଲରେ ମଧ୍ୟ ବାଉଜୀଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ କ୍ଲଷ୍ଟର ହେଡ୍ ଶ୍ରୀ ପ୍ରମୋଦ କୁମାର ପାତ୍ର ଏବଂ ବଡବିଲ ୟୁନିଟ୍ ହେଡ୍ ଶ୍ରୀ ସତୀଶ ସିନ୍ଦୁରିଆ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଉଶୁ ଚାମ୍ପିୟନମାନଙ୍କୁ ସମ୍ମାନିତ କରିଥିଲେ। ଏଥିସହ ଆଦିବାସୀ ବିକାଶ ସମିତିର ଶତାଧିକ ଛାତ୍ରଛାତ୍ରୀମାନଙ୍କୁ ପୌଷ୍ଟିକ ଖାଦ୍ୟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ସ୍ଥାନୀୟ ଗ୍ରାମବାସୀ ବୃନ୍ଦ ଯୋଗ ଦେଇଥିଲେ।

## 'ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ'

**ଜଗତସିଂହପୁର,୯।୮ :(ମନ୍ଥନ)** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ 'ବିଶ୍ୱ ସ୍ତନ୍ୟପାନ ସପ୍ତାହ' ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସ୍ନିଗ୍ଧାମାୟୀ ମହାନ୍ତିଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି । ପ୍ରତିବର୍ଷ ଅଗଷ୍ଟ ମାସ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଏହି ସପ୍ତାହ ବିଶ୍ୱରେ ପାଳିତ ହୋଇଆସୁଅଛି। ଏହି ସଭାରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ ) ଡାକ୍ତର ପ୍ରମୋଦ କୁମାର ବାରିକ, ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ଅଭିଭାଷଣରେ ଏହି ସପ୍ତାହ ପାଳନର ଉଦେଶ୍ୟ ଏବଂ ଏ ବର୍ଷର ବାର୍ତ୍ତା 'ଜୀବନର ଚିରନ୍ତନ ବିକାଶର ଅୟମାରମ୍ଭ ପାଇଁ ସ୍ତନ୍ୟପାନ: ଏହି ଉପାଦେୟ ପଦକ୍ଷେପକୁ ସଶକ୍ତ କରିବା' ଉପରେ ଆଲୋଚନା କରିଥିଲେ । ନବଜାତ ଶିଶୁକୁ ଛଅ ମାସ ପର୍ଯ୍ୟନ୍ତ କେବଳ ମାଆ କ୍ଷୀର ଦେବାକୁ ସଚେତନ କରିଥିଲେ । ସେ କହିଲେ ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ଯେ ଶିଶୁ ଜନ୍ମ ହେବା କ୍ଷଣି ଯେତେ ଶୀଘ୍ର ସମ୍ଭବ ଏକ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ କରାଇବା । ସମସ୍ତ ମାଆ ମାନଙ୍କୁ ଗର୍ଭବତୀ ଥିବା ସମୟରୁ ମାନସିକ ଭାବେ ପ୍ରସ୍ତୁତି କରିବା ଉଚିତ ଏବଂ ତା ପରିବାର ମଧ୍ୟ ସଚେତନ ହେବା ଦରକାର । ଡାକ୍ତର ସାଏଦ ସରୱାର ଅଲ୍ଲୀ ଓ ଡାକ୍ତର ରାଜେଶ ମହାନ୍ତି ଏକ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ମାଧ୍ୟମରେ ସ୍ତନ୍ୟପାନର ବିଭିନ୍ନ ଉପକାରିତା ଉପରେ ଆଲୋଚନା କରିଥିଲେ । ଅନ୍ୟ ଅଧିକାରୀ ମାନେ ସ୍ତନ୍ୟପାନ ଶିଶୁର ଶାରୀରିକ ଓ ମାନସିକ ଅଭିବୃଦ୍ଧି ନିମନ୍ତେ ନିତ୍ୟାନ୍ତ ଜରୁରୀ ଓ ଏହା ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବ?ାଇଥାଏ ଏବଂ କେଉଁ ପୋଜିସନରେ ମାଆ ଶିଶୁକୁ ଭଲରେ ସ୍ତନ୍ୟପାନ କରାଇ ପାରିବ, ସ୍ତନ୍ୟପାନ କରାଇବା ଦ୍ୱାରା ଶିଶୁ ସହ ମାଆର ମଧ ସ୍ୱାସ୍ଥ୍ୟ ଭଲ ରାହିବା ସହ ପରିବାରର ଆର୍ଥିକ ସମସ୍ୟା ଦୂର ହୁଏ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ । ସମାଜରେ ଥିବା ଅନ୍ଧ ବିଶ୍ୱାସ ଓ ଆଧୁନିକୀକରଣ ଜନିତ ସମସ୍ୟା ଯଥା ଦାମୀ ଡବା କ୍ଷୀର ଯାହାକି ପିଲାର କୌଣସି ପୃଷ୍ଟି ସାଧନ କରେନାହିଁ, ସେସବୁ ପ୍ରତି ଆକୃଷ୍ଟ ପିତାମାତାଙ୍କୁ ସଚେତନ କରିବା ଆମ ସମସ୍ତଙ୍କର ଦାଇତ୍ୱ ଓ କର୍ତ୍ତବ୍ୟ କ୍ଷ ଗର୍ଭବତୀ ଥିବା ସମୟରେ



ହିଁ ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀ ସେମାନଙ୍କୁ ଅବଗତ କରାଇବା ନିମନ୍ତେ ପରାମର୍ଶ ଦିଆଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନର୍ସିଂ ଅଫିସର ଖୁଲଣା ବାରିକ ଓ ଜ୍ୟୋତିର୍ମୟୀ ସାହୁ ମାନେ ମଧ ସ୍ତନ୍ୟପାନ ର ଉପାଦେୟତା ଓ ଏହା କିପରି ଶିଶୁକୁ ଜନ୍ମ ହେବା କ୍ଷଣି ଯେତେଶୀଘ୍ର ସମ୍ଭବ କରାଇଲେ, ଶିଶୁ ସୁସ୍ଥ ହେବା ସହ ତାର ଶାରୀରିକ ଓ ମାନସିକ ଅଭିବୃଦ୍ଧି ହୋଇଥାଏ ବୋଲି ବାର୍ତ୍ତା ରଖିଥିଲେ । ଏହି ସଭାରେ ଜଗତସିଂହପୁର ଜିଲ୍ଲାର ବେସରକାରୀ ଚିକିତ୍ସାଳୟରେ କାମ କରୁଥିବା ସ୍ୱାସ୍ଥ୍ୟକର୍ମୀ, ନର୍ସିଂ ଅଫିସର, ସହରାଞ୍ଚଳ ଆଶାକର୍ମୀ, ଜିଲ୍ଲା ଚିକିତ୍ସାଳୟର ମ୍ୟାନେଜର ଓ ଅନ୍ୟାନ୍ୟ କର୍ମକର୍ତା ମାନେ ଉପସ୍ଥିତ ଥିଲେ । ଏଥିରେ ଏକ କୁଇଜ ପ୍ରତିଯୋଗିତା କରାଯାଇ, ସଠିକ ଉତ୍ତର ଦେଇଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଡେପୁଟି ମ୍ୟାନେଜର ସନ୍ଧ୍ୟାରାଣୀ ପଣ୍ଡା ସଭା ପରିଚାଳନା କରିଥିବାବେଳେ ସହାୟକ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ସୁବ୍ରତ କୁମାର ମହାପାତ୍ର ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।



# ଦୀର୍ଘ ବର୍ଷ ଧରି ରାହାମାରେ ଚାଲିଥିବା ସେକ୍ସ ରାକେଟର ପର୍ଦ୍ଦାଫାଶ କଲା ତିର୍ତ୍ତୋଲ ପୋଲିସ

ଜଗତସିଂହପୁର ,୯।୮ :(ମନ୍ଥନ)ରାହାମା ବଜାରରେ ମୁଖ୍ୟ ରାସ୍ତା ସଂଲଗ୍ନ ଏକ ଭଡ଼ାଘରେ ଦିନ ଦ୍ୱିପ୍ରହରରେ ଦୀର୍ଘଦିନ ଧରି ଦେହ ବ୍ୟବସାୟ ଚାଲୁଥିବା ଅଭିଯୋଗକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ତିର୍ତ୍ତୋଲ ଏସଡିପିଓଙ୍କ ନେତୃତ୍ୱରେ ପୋଲିସ ଚଢ଼ାଉ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।ପ୍ରାଥମିକ ସୂଚନା ଅନୁଯାୟୀ, ଚଢ଼ାଉ ସମୟରେ ଜଣେ ମହିଳାଙ୍କ ସମେତ ୪ ଜଣ ମହିଳା, ଜଣେ ଗ୍ରାହକ ଏବଂ ଘର ମାଲିକଙ୍କୁ ପୋଲିସ ଅଟକ ରଖି ତଦନ୍ତ କରୁଛି। ଘଟଣାସ୍ଥଳରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଯାଞ୍ଚ ଓ ଆଇନଗତ ପ୍ରକ୍ରିୟା ଜାରି ରହିଥିବା ଜଣାପଡ଼ିଛି ।ପୋଲିସର ପ୍ରାଥମିକ ତଦନ୍ତରେ ଏହି ଭଡ଼ାଘରେ ଦୀର୍ଘ ସମୟ ଧରି ଏଭଳି କାରବାର ଚାଲିଥିବା ନେଇ ସୂଚନା ମିଳିଥିବା କୁହାଯାଉଛି। ତେବେ ଘଟଣାର ପ୍ରକୃତ ସତ୍ୟତା ଏବଂ ଏଥିରେ ଆଉ କାହାର ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ପୋଲିସ ଖୋଳତାଡ଼ ଜାରି ରଖିଛି ।ରାହାମା ଏକ ଶିକ୍ଷାକେନ୍ଦ୍ରିକ ଅଞ୍ଚଳ ହୋଇଥିବାରୁ ଏଭଳି ଅଭିଯୋଗକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ ଚିନ୍ତା ପ୍ରକାଶ ପାଇଛି। ରାହାମାରେ ଏକାଧିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଥିବାରୁ ପିଲାମାନଙ୍କ ନିରାପଦ ପରିବେଶ ନେଇ ମଧ୍ୟ ପ୍ରଶ୍ନ ଉଠିଛି ।ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ପରେ ହିଁ ପ୍ରକୃତ ତଥ୍ୟ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ ଜଣାପଡ଼ିଛି।

# ଛାତ୍ରୀଙ୍କୁ ବିବାହର ପ୍ରତିଶ୍ରୁତି ଦେଖାଇ ଜେଲ ଗଲା ଯୁବକ

ଜଗତସିଂହପୁର,୯।୮ :(ମନ୍ଥନ)ରଘୁନାଥପୁର ଥାନା ଅଂଚଳ ର ଏକ ଶିକ୍ଷା ଅନୁଷ୍ଠାନ ର +୩ ଛାତ୍ରୀଙ୍କୁ ବିବାହ ର ପ୍ରତିଶୃତି ଦେଇ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗ ରେ ଜଗତସିଂହପୁର ଥାନା ଅଂଚଳ ର ପାଣିଶାଳିଆ ଗ୍ରାମର ଯୁବକ ପ୍ରସନ୍ନ କୁମାର ବିଶ୍ୱାଳ ଙ୍କୁ ଗିରଫ କରି ଜେଲ ପଠାଇଛି ରଘୁନାଥପୁର ପୋଲିସ। ପୋଲିସ ସୂତ୍ରରୁ ପ୍ରକାଶ ଜଗତସିଂହପୁର ଥାନା ପାଣିସାଳିଆ ଗ୍ରାମର ପ୍ରସନ୍ନକୁମାର ବିଶ୍ୱାଳ ବୟସ ୪୦ ବିବାହ ର ପ୍ରତିଶ୍ରୁତି ଦେଇ ଯୁବତୀ ଙ୍କ ସହିତ ଶାରୀରିକ ସମ୍ପର୍କ ରଖି ବିବାହ କରିବାକୁ ମନା କଲା ପରେ ଯୁବତୀ ଜଣକ ରଘୁନାଥପୁର ଥାନା ରେ ଯୁବକ ପ୍ରସନ୍ନ ଙ୍କୁ ନାମରେ ଅଭିଯୋଗ କରିବାପରେ,ଥାନାରେ କେଶ୍ ନ.୧୪୧/୨୬ ରେ ମାମଲା ରୁଜୁ କରାଯାଇଥିଲା. ଥାନା ଅଧିକାରୀ ପ୍ରେମ ଜିତ ଦାସ, ଏସ ଆଇ ଯୋଗେଶ୍ୱର ବେହେରା ଯୁବକ କୁ ଗିରଫ କରି ଜଗତସିଂହପୁର ପୋସ୍କ ? କୋର୍ଟ ରେ ହଜାର କରାଇଥିଲେ। ସେଠାରେ ଜାମିନ ନା ମଂଜୁର ହେବା ପରେ ଯୁବକ କୁ ଆଲି ପିଙ୍ଗଳ ଜେଲ କୁ ପଠାଇ ଦିଆଯାଇଛି

# ଅଙ୍କୁର ଶିଶୁ ସାହିତ୍ୟ ସଂସଦର କବିତା ପାଠୋତ୍ସବ

ବଲାଙ୍ଗିର,୯।୮ :(ମନ୍ଥନ)ଅଙ୍କୁର ଶିଶୁ ସାହିତ୍ୟ ସଂସଦ ବଲାଙ୍ଗିର ତରଫରୁ ବିଶ୍ୱାମ୍ବ ବିଦ୍ୟା ମନ୍ଦିର, ଆନନ୍ଦ ନିକେତନ ଖୁଜେନପାଲି ବଲାଙ୍ଗିର ଠାରେ ଶିଶୁମାନଙ୍କୁ ନେଇ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କବିତା ପାଠୋତ୍ସବ ରେ ଅଙ୍କୁର ଶିଶୁ ସାହିତ୍ୟ ସଂସଦର ସଭାପତି କସ୍ତୁରୀ ରଥ ସଭାପତିତ୍ୱ କରି ଶିଶୁମାନଙ୍କର ଅନ୍ତଃର୍ନିହିତ, ଶିଶୁ ସୁଲଭ କବି ପ୍ରତିଭା କୁ ପ୍ରଶଂସିତ କରି ଜନ୍ମ ଦିବସ, ବିବାହ ଦିବସ ମାନଙ୍କ ରେ ଛୋଟ ଛୋଟ କବିତା ମାଧ୍ୟମ ରେ ଶୁଭେଚ୍ଛା ଜଣାଇବା ପାଇଁ ପରାମର୍ଶ ଦେଇଥିଲେ । ସଂପାଦକ ଡା. ଅଶୋକ କୁମାର ସେଠୀ ଅନୁଷ୍ଠାନ ଗଠନ ର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସହ ସଂପାଦକ ସୁରଥ ସାହୁ କାର୍ଯ୍ୟକ୍ରମ ର ପରିଚାଳନା କରିଥିଲେ। ଡ. ସୁଶାନ୍ତ କୁମାର



ପଧାନ, ତରୁଣ ତ୍ରିପାଠୀ, ନେତ୍ରାନନ୍ଦ ପାଣିଗ୍ରାହୀ, ଦୁର୍ଗାଚରଣ ସାହୁ, ଶୀତାଂଶୁ ନାୟକ, ଗୁରୁଜୀ / ଗୁରୁମା, ଭାଇ/ଭଉଣୀମାନେ ଉପସ୍ଥିତ ଥିଲେ ଶିଶୁ କବି ଶୁଭମ ଷଡଙ୍ଗୀ, ଅର୍ଚ୍ଚିତ ବଡମାଲି, ଅନ୍ୱେଷା ମିଶ୍ର, ଗାୟତ୍ରୀ ରଣା, ଦିପିକା ସାହୁ, ନୌକାନ୍ତି ବାଗ, ରାଜେଶ୍ୱରୀ ଦାସ, ମେଘାରାଣୀ ବ୍ରହ୍ମା, କସ୍ମିରା ନାଏକ, ପ୍ରତିଜ୍ଞା ନାଏକ, ଚଲନ ମିଶ୍ର, ଅର୍ପିତା ପଟେଲ, ଗୋତମ ବିଶୋଇ, ସ୍ନେହାରାଣୀ ଖୁଆସ, କବିତା ପଠନ କରିଥିଲେ, ଅଂଶୁମାନ ମହାପାତ୍ର ଓ ଆଦ୍ୟାଶା ସାହୁ କବିତା ଗୁଡିକୁ ସଂଯୋଜନା କରିଥିଲେ । ପରିଶେଷରେ ବିଦ୍ୟାଳୟର ସଂଯୋଜକ ସମ୍ବିତ କୁମାର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜମିଜମା ବିବାଦକୁ ନେଇ ମାଡ଼ପିଟ ଜଣେମହିଳା ଗୁରୁତର ହୋଇ କଟକ ମେଡିକାଲରେ ଭର୍ତ୍ତି

ଧାମନଗର,୯।୮ :(ମନ୍ଥନ) ଧାମନଗର ବ୍ଲକ ଅନ୍ତର୍ଗତ ବୟାଙ୍ଗଡିହି ପଞ୍ଚାୟତ ଠାରେ ଜମିଜମା ବିବାଦକୁ କେନ୍ଦ୍ରକରି ଉତ୍ତେଜନା ପ୍ରକାଶ ପାଇଛି। ଏହି ବିବାଦକୁ ନେଇ ଘଟିଥିବା ମାଡ଼ପିଟ୍‌ରେ ବିନିଲତା ସାହୁ ନାମକ ଜଣେ ବିଧବା ମହିଳା ଗୁରୁତର ଆହତ ହୋଇ ଭଦ୍ରକ ପରେ କଟକ ମେଡିକାଲରେ ମୃତ୍ୟୁ ସହ ସଂଘର୍ଷ କରୁଛି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ବାରମ୍ବାର ଚେତା ହରାଉଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ,ବୟାଙ୍ଗଡିହି ଗ୍ରାମର ସ୍ୱର୍ଗତ ଚକ୍ରଧର ସାହୁଙ୍କ ପତ୍ନୀ ବିନିଲତାଙ୍କ ପରିବାର ଓ ସେହି ଗ୍ରାମର ରଜତ ସାହୁ, ମାନସ ସାହୁ ଓ ସୁଶାନ୍ତ ସାହୁଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ଧରି ଜମିଜମାକୁ ନେଇ ବିବାଦ ଲାଗିରହିଥିଲା। ଏ ସମ୍ପର୍କିତ ମାମଲା କୋର୍ଟରେ ବିଚାରାଧୀନ ଥିବା ବେଳେ ସମ୍ପୃକ୍ତ ଜମିରେ କୌଣସି ନିର୍ମାଣ କାର୍ଯ୍ୟ ନକରିବାକୁ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଗତ ୪ ଦିନ ତଳେ ବିବାଦୀୟ ସ୍ଥାନରେ ନିର୍ମାଣ କାର୍ଯ୍ୟକୁ ନେଇ ଉଭୟ ପକ୍ଷ ମଧ୍ୟରେ ବିରୋଧ



ଦେଖାଦେଇଥିଲା। ବିନିଲତାଙ୍କ ସମେତ ଦିଜବର ସାହୁ, ନିତ୍ୟାନନ୍ଦ ସାହୁ ଓ ଶଙ୍କର୍ଷଣ ସାହୁ ଏହାକୁ ବିରୋଧ କରି ଧୂଷୁରୀ ଥାନାରେ ଜଣାଇଥିଲେ। ପୁଲିସ ଘଟଣାସ୍ଥଳକୁ ଯାଇଥିଲେ ମଧ୍ୟ ପରେ ପୁଣି ନିର୍ମାଣ କାର୍ଯ୍ୟ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏହାକୁ ନେଇ ଗତ ଶୁକ୍ରବାର ଉଭୟ ପକ୍ଷ ମଧ୍ୟରେ ପୁଣି ଗଣ୍ଡଗୋଳ ଘଟିଥିଲା। ଏଥିରେ ରଜତ ସାହୁ, ମାନସ ସାହୁ ଓ ସୁଶାନ୍ତ ସାହୁ ମିଶି ବିନିଲତା ସାହୁଙ୍କୁ ମାଡ଼ ମାରି ଗୁରୁତର କରିଥିବା ପରିବାର ପକ୍ଷରୁ ଧୂଷୁରୀ ଥାନାରେ ଅଭିଯୋଗ ହୋଇଛି। ଘଟଣାରେ ବିନିଲତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପ୍ରଥମେ ତାଙ୍କୁ ଧାମନଗର ଡାକ୍ତରଖାନା, ପରେ ଭଦ୍ରକ ଓ ଶେଷରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଅନ୍ୟପକ୍ଷରେ, ପୁଲିସ ନ୍ୟାୟ ଦେବା ବଦଳରେ ଘଟଣାରେ ମାଡ଼ ଖାଇଥିବା ଦିଜବର ସାହୁ, ନିତ୍ୟାନନ୍ଦ ସାହୁ ଓ ଶଙ୍କର୍ଷଣ ସାହୁଙ୍କୁ ଧୂଷୁରୀ ପୁଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ମାଡ଼ ମାରିଥିବା ଅଭିଯୋଗ ହୋଇଥିବା ପକ୍ଷ ବିରୋଧରେ ପୁଲିସ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେଇନଥିବା ନେଇ ମଧ୍ୟ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ପୁଲିସର ଏଭଳି କାର୍ଯ୍ୟକୁ ନେଇ ସ୍ଥାନୀୟ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।ବର୍ତ୍ତମାନ ବିନିଲତା କଟକ ମେଡିକାଲରେ ଚିକିତ୍ସାଧୀନ ଥିବା ବେଳେ ତାଙ୍କ ଦେଖାଶୁଣା କରିବାକୁ ନିକଟରେ କେହି ନଥିବା ଜଣାପଡ଼ିଛି। ତାଙ୍କ ୧୨ ବର୍ଷର ପୁଅ ହିଁ ମା'ଙ୍କ ନିକଟରେ ରହି ଚିକିତ୍ସା ସମୟରେ ଦେଖାଶୁଣା କରୁଥିବା ଜଣାପଡ଼ିଛି। ଘଟଣାରେ ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଇନାନୁସାରେ ପଦକ୍ଷେପ ନେବା ସହ ଗୁରୁତର ଆହତ ମହିଳାଙ୍କୁ ନ୍ୟାୟ ଦେବାକୁ ପରିବାର ପକ୍ଷରୁ ଦାବି ହୋଇଛି। ଏନେଇ ଥାନା ଏସ୍ ?ଆଇ ସୁଜାତା ସାହୁ କୁହନ୍ତି ଉଭୟ ପକ୍ଷରୁ ଅଭିଯୋଗ ହୋଇଥିଲା। ମାମଲା ରୁଜୁ କରାଯାଇ ଗୋଟିଏ ପକ୍ଷରୁ ୩ ଜଣ ଓ ଅନ୍ୟ ପକ୍ଷରୁ ଜଣଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି ବୋଲି ପୋଲିସ ସୂଚନା ମିଳିଛି।

# ସର୍ପ ଦଂଶନରେ କଲେଜ ଛାତ୍ରୀଙ୍କ ମୃତ୍ୟୁ

ବୁଗୁଡା,୯।୮ :(ମନ୍ଥନ)ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଡେଙ୍ଗାପଦର ଗ୍ରାମରେ ସର୍ପ ଦଂଶନରେ ବାଲିପଦର କଲେଜର +୩ କଳାରେ ଅଧ୍ୟୟନରତ ଛାତ୍ରୀ ନନ୍ଦିନୀ ପ୍ରଧାନ (୧୯) ମୃତ୍ୟୁ ବରଣ କରିଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଯେ, ଆଜି ଅପରାହ୍ନରେ ନନ୍ଦିନୀ ଘରେ ଜମା ହୋଇଥିବା କାଠଗଦାରୁ କାଠ ବାହାର କରୁଥିବାବେଳେ ଏକ ବିଷଧର ସାପ ତାଙ୍କର ଡାହାଣ ହାତକୁ ଦଂଶନ କରିଥିଲା ଏବଂ ସେ ଅଚେତ ହୋଇ ପଡିଥିଲେ। ସନ୍ଧ୍ୟା ବେଳକୁ ବିଲକାମ ସାରି ତାଙ୍କର ମାଆ ଘରକୁ ଫେରି ଏକାକୀ ଥିବା ଝିଅକୁ ଅଚେତ ଅବସ୍ଥାରେ ପାଇଥିଲେ। ସର୍ପାଘାତରେ ଆହତ ନନ୍ଦିନୀଙ୍କୁ ସଙ୍ଗେ ସଙ୍ଗେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା ଏବଂ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ମେଡିକାଲରେ ପୋଲିସ ପହଞ୍ଚି ଶବକୁ ଜବତ କରି କେସ୍ ନଂ ୩୦/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାଯାଇଛି।

# ୪ ମହାବିଦ୍ୟାଳୟରେ ଆଗକୁ ଅଧାପକ ମରୁଡି,ବାଧାପ୍ରାପ୍ତ ଶିକ୍ଷାଦାନ

ଖଣ୍ଡପଡା, ୯।୮ :(ମନ୍ଥନ)ପ୍ରାୟ ମାସେ ତଳେ ରାଜ୍ୟ ସରକାର କେଜିରୁ ପିଜି ମାଗଣା ଶିକ୍ଷା ଭଳିଗୁରୁତ୍ୱପୂର୍ଣ୍ଣ ଘୋଷଣା କଲେ। ମାତ୍ର ମାସେ ପରେ କଲେଜ ଗୁଡିକରେ ପିଲାଙ୍କ ବଦଳରେ ବର୍ତ୍ତମାନଅଧ୍ୟାପକ ଓ ଅଧ୍ୟାପିକା ଡ୍ରପ ଆଉଟ ଦେଖିବାକୁମିଳିଲାଣି। ଏଭଳି ସାଂଘାତିକ ସ୍ଥିତି ମଧ୍ୟରେ କଲେଜରେଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିବା ବେଳେ ଅନିଶ୍ଚିତତା ଆଡକୁ ଠେଲିହେଲାଣି ପିଲାଙ୍କ ଭବିଷ୍ୟତ ।ମିଳିଥିବା ସୂଚନା ଅନୁଯାୟୀ ଖଣ୍ଡପଡା ଅଞ୍ଚଳରେ ଥିବା ୩ ଅନୁଦାନପ୍ରାପ୍ତ ଓ ଗୋଟିଏ ଅଣଅନୁଦାନପ୍ରାପ୍ତ କଲେଜରେ ଏବେ ଶିକ୍ଷା ବ୍ୟବସ୍ଥାକୁ ନେଇ ଦୋଛକିରେ ପଡିଛନ୍ତି ଅଭିଭାବକ ଓକର୍ମଚାରୀ। ଗତ ମାସକ ତଳେ ସରକାର ମାଗଣା ଶିକ୍ଷା ନିମନ୍ତେ ଘୋଷଣା କରିବା ପରେ ଏସବୁକଲେଜରେ ଥିବା ବେସରକାରୀ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ମୁଣ୍ଡରେ ଚଡକ ପଡିଛି। ଫି ଆଦାୟ ବନ୍ଦ ହେବାଯୋଗୁଁ ବେସରକାରୀ କର୍ମଚାରୀ ଓ ଅଧ୍ୟାପକଙ୍କ ଦରମା ଦେବା ମଧ୍ୟ କଲେଜକର୍ତ୍ତୃପକ୍ଷଙ୍କ ପକ୍ଷେ ଅସମ୍ଭବ ହୋଇପଡିଲାଣି। ଏଭଳି ସ୍ଥିତିରେ ବେସରକାରୀ ଅଧ୍ୟାପକଙ୍କ ମୁଖ୍ୟଚିନ୍ତା ହେଲା ଚାକିରି ସୁରକ୍ଷା। ବ୍ଲକ ଅଞ୍ଚଳର ୪ କଲେଜରେ ଏଭଳି ଅଧ୍ୟାପକ ଓ କର୍ମଚାରୀଙ୍କ ଦୟନୀୟ ସ୍ଥିତି ଥିବାବେଳେ ସରକାରୀ ଆଶ୍ୱାସନା ସେମାନଙ୍କୁ ଆଶ୍ୱସ୍ତ କରିପାରୁନି। ଖଣ୍ଡପଡାପଠାଣି ସାମନ୍ତ ମହାବିଦ୍ୟାଳୟକୁ ଉଦାହରଣ ଭାବେ ନେଲେ ଏଠାରେ ପ୍ରାୟ ୫୭ଜଣରୁ ଊର୍ଦ୍ଧ୍ୱ ଅଧ୍ୟାପକ ଓ କର୍ମଚାରୀ କଲେଜ ପରିଚାଳନା କମିଟି ମାଧ୍ୟମରେ ନିଯୁକ୍ତପ୍ରାପ୍ତ ହୋଇଥିବା ବେଳେଶିକ୍ଷାଦାନ କରିଆସୁଛନ୍ତି। ଏହି କର୍ମଚାରୀଙ୍କ ନିମନ୍ତେ ଛାତ୍ରଛାତ୍ରୀଙ୍କ ଠାରୁ ଫି ଆକାରରେ ଆସୁଥିବା ଅର୍ଥରେ ମାସକୁ ପ୍ରାୟ ୧୧ ଲକ୍ଷ ଟଙ୍କା ଦରମା ଆକାରରେ ପ୍ରଦାନ କରାଯାଉଥିଲା। ତେବେ ଗତ ମାସକତଳେ ସରକାରଙ୍କ ଘୋଷଣାକୁ ନେଇ ଏବେ ଅକଳରେ ପଡିଛନ୍ତି ମହାବିଦ୍ୟାଳୟ କର୍ତ୍ତୃପକ୍ଷ। ଖାଲିସେତିକି ନୁହେଁ ଯୁକ୍ତ ୩ ବିଜ୍ଞାନ ବିଭାଗ ପରିଚାଳନା କମିଟି ଦ୍ୱାରା ଚାଲିଥିବା ବେଳେ ଏଠାରେ ଶିକ୍ଷାଦାନସାଂଘାତିକ ଭାବେ ପ୍ରଭାବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ସମାନଭାବେ ଖଣ୍ଡପଡା ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଓ ତିନିରେ ୧୭ ଜଣ, କର୍ଣ୍ଣିଲୋ ନୀଳମାଧବ ମହାବିଦ୍ୟାଳୟରେ ୨୪ ଜଣଅଧ୍ୟାପକ ଓ କର୍ମଚାରୀ ଏବେ ପରିବାର ପ୍ରତିପୋଷଣ ଚିନ୍ତାରେ। ସରକାରଙ୍କ ଏଭଳି ଘୋଷଣା ଦ୍ୱାରାସବୁଠୁ ବେଶୀ ପ୍ରଭାବିତ ହୋଇଛି ବ୍ଲକ ଅଧୀନ କୁମ୍ଭାରପଡାର ଶ୍ରୀ ଶ୍ରୀ ଲଡୁକେଶ୍ୱର ଜୀଉ କନିଷ୍ଠ ମହାବିଦ୍ୟାଳୟ। ଅଣଅନୁଦାନପ୍ରାପ୍ତ ଏହି ମହାବିଦ୍ୟାଳୟର ୧୯ ଜଣ କର୍ମଚାରୀ ଓ ଅଧ୍ୟାପକ ଏଭଳିନିଷ୍ପତ୍ତି ଦ୍ୱାରା ସାଂଘାତିକ ଭାବେ ପ୍ରଭାବିତ ହେବେ ବୋଲି କ୍ଷୋଭର ସହ କହିଛନ୍ତି। ଶିକ୍ଷାବିଭାଗ ଓଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଅଭିଭାବକ ସଂଘ ପକ୍ଷରୁ ଦାବି ହୋଇଛି।

# ଝାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଲେ ସିପିଏମର ପ୍ରତିନିଧି ଦଳ

ଜଳେଶ୍ୱର,୯।୮ :(ମନ୍ଥନ)ଜଳେଶ୍ୱର ବ୍ଲକର ବର୍ତ୍ତନା ପଞ୍ଚାୟତ ଅନ୍ତର୍ଗତ ଖରିଦା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଉକ୍ତ ଗ୍ରାମର ବିଜୟ ମହାନ୍ତିଙ୍କ ନୂତନ ଗୃହ ପ୍ରବେଶରେ ଆୟୋଜିତ ଭୋଜି ଖାଇ ଶତାଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି ।ପ୍ରାଥମିକ ଅବସ୍ଥାରେ ୬୫ଜଣଜିକେ ଭଟ୍ଟର ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ବେଳେ ଆକ୍ରାନ୍ତ ରୋଗୀ ବୁହା ଚାଲିଛି ।ଏହି ସଂଖ୍ୟା କେତେରେ ପହଞ୍ଚିବ ତାହା ଆକଳନ କରିବା ମୁସ୍କିଲ ହୋଇପଡିଛି। ଏଥିରୁ ପନ୍ଦର ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବାଲେଶ୍ୱର ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଉଦବେଗର ବିଷୟ ଏହି ରୋଗୀ ମାନଙ୍କ ଭିତରେ କୋଡ଼ିଏରୁ ଅଧିକ ପିଲା ଯେଉଁମାନଙ୍କର ବୟସ ଦଶ ବାର ବର୍ଷ ।ଅବଶ୍ୟ ଜଳେଶ୍ୱର ଡାକ୍ତରଖାନା କର୍ତ୍ତୃପକ୍ଷ ଏହି ଘଟଣାର ଗମ୍ଭୀରତାକୁ ଅନୁଭବ କରି ଅନ୍ୟ ଡାକ୍ତରଖାନାର ଡାକ୍ତରଙ୍କ ସାହାଯ୍ୟ ନେଇଛନ୍ତି ।ଏକ ଚିକିତ୍ସକ ଦଳ ଉକ୍ତ ଗ୍ରାମକୁ ଯାଇ ପ୍ରାଥମିକ ଚିକିତ୍ସା କରିଛନ୍ତି ।ହାତୀଗଡ ଡାକ୍ତରଖାନାର ମେଡିକାଲ୍ ଅଫିସର୍ ଡାକ୍ତର ଭୀଷ୍ମ ଚରଣ ପରିଡ଼ା ଏବଂ ଜଳେଶ୍ୱର ହସ୍ପିଟାଲ ସୁପରିନଟେନଡେଣ୍ଟ ଡାକ୍ତର ଦିଲ୍ଲୀପ କୁମାର ପାତ୍ରଙ୍କ ସମେତ ଅନ୍ୟ ଡାକ୍ତର ଓ ନର୍ସମାନେ ରୋଗୀଙ୍କ ଚିକିତ୍ସା କରୁଥିବା ବେଳେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ଏକ ପ୍ରତିନିଧି ଦଳ ଡାକ୍ତରଙ୍କ ସହିତ ଆଲୋଚନା କରିବା ସହିତ ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିଛନ୍ତି ।ଏହି ପ୍ରତିନିଧି ଦଳରେ ଥିବା ଦଳର ବରିଷ୍ଠ ନେତା ଦିଲ୍ଲୀପ କୁମାର ଗିରି, ଦିପ୍ତିମାନ ଆଚାର୍ଯ୍ୟ, ରବିନ୍ଦ୍ର ବାରିକ, ଇନ୍ଦ୍ରଜିତ ପାଳ ପ୍ରମୁଖ ଉପସ୍ଥିତ ଥିବା ବେଳେ ରୋଗୀମାନେ ଯେମିତି ସମସ୍ତ ପ୍ରକାର ଉନ୍ନତ ଚିକିତ୍ସା ପାଇବେ ସେ ଦିଗରେ ଉଚିତ ପଦକ୍ଷେପ ନେବାକୁ ଡାକ୍ତରମାନଙ୍କୁ ଅନୁରୋଧ କରିଛନ୍ତି।

# ଜଗନ୍ନାଥ ଏକ୍ସପ୍ରେସ ଟ୍ରେନରୁ ୩ ମୋବାଇଲ ଲୁଟେରା ଜଳେଶ୍ୱରରେ ଗିରଫ

ଜଳେଶ୍ୱର,୯।୮ :(ମନ୍ଥନ)ଜଳେଶ୍ୱର ଷ୍ଟେସନରେ ଗତକାଲି ଅପ୍ ପୁରୀ - ହାଓଡ଼ା ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ (୧୮୪୧୦) ଟ୍ରେନରୁ ଜଳେଶ୍ୱର ଆର.ପି.ଏଫ୍ ୩ ଜଣ ମୋବାଇଲ୍ ଲୁଟେରାଙ୍କୁ ଧରିବାରେ ସଫଳ ହୋଇଛି। ଲୁଟେରା ୩ ଜଣ ହେଲେ ଭୁବନେଶ୍ୱର ଅଞ୍ଚଳର ବରଗଡ଼ ଥାନା ଅନ୍ତର୍ଗତ ମାନସ କୁମାର ସାହୁ ଓରଫ ସୁଦର୍ଶନ (୨୯) ଓ ରାଜୀବ ନାୟକ(୨୮) ଏବଂ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ମୁନା ସାହୁ(୪୦) ବୋଲି ପୋଲିସ୍ ସୂତ୍ରରୁ ଜଣା ପଡିଛି ।ସେହି ଟ୍ରେନରେ ଆସୁଥିବା ଜଣେ ଯାତ୍ରୀ ରଞ୍ଜିତ୍ ଗିରିଙ୍କ ସୂଚନା ଅନୁଯାୟୀ ତାଙ୍କର ଏକ ୧୮,୦୦୦ ଟଙ୍କା ମୂଲ୍ୟର ଭିଭୋ ମୋବାଇଲ୍ ଚୋରି ଅଭିଯୋଗରେ ସେ ମୁନା ସାହୁଙ୍କୁ ଧରି ଜଳେଶ୍ୱର ଷ୍ଟେସନରେ ଆର.ପି.ଏଫ୍ ହେଡ କନେଷ୍ଟବଳ ପି.ଏନ୍.ସିଂ ଓ ଏନ୍. କେ. ସିଂ,କନେଷ୍ଟବଳ ବି. ବୈଦ୍ୟଙ୍କ ନିକଟରେ ଜମା ଦେଇଥିଲେ। ମୁନାର ସୂଚନା ଅନୁଯାୟୀ ସେମାନଙ୍କ ସହିତ ଭୁବନେଶ୍ୱର ଷ୍ଟେସନରୁ ଅନ୍ୟ ୨ ଜଣ ସହଯୋଗୀ ମଧ୍ୟ ଏହି ମୋବାଇଲ ଚୋରି ଅଭିଯୋଗରେ ସଂପୃକ୍ତ ଅଛନ୍ତି ।ଏହି ୨ ଜଣ ଲୁଟେରା ଜଳେଶ୍ୱର ଷ୍ଟେସନ୍ ୨ ନମ୍ବର ପ୍ଲାଟଫର୍ମରେ ସନ୍ଦେହ ଜନକ ଅବସ୍ଥାରେ ବୁଲୁଥିବା ବେଳେ ତାଙ୍କୁ ଅଟକ ରଖିବା ପରେ ସେମାନେ ସମସ୍ତ ବିଷୟ ସ୍ୱୀକାର କରିଥିଲେ ।ଖବର ପାଇ ରୁପ୍ସା ଆର.ପି.ଏଫ୍ ଥାନାର ସବ୍ ଇନ୍ସପେକ୍ଟର ଗୋପାଳ କୃଷ୍ଣ ଓ ଖଡଗପୁର ଟିମ୍ ହେଡ କନେଷ୍ଟବଳ ପୁରୁଷୋତ୍ତମ ରଣା ଏବଂ ଅନ୍ୟ ପୋଲିସ କର୍ମଚାରୀ ମାନେ ଜଳେଶ୍ୱର ଷ୍ଟେସନରେ ପହଞ୍ଚିବା ପରେ ୩ ଜଣ ଲୁଟେରାଙ୍କୁ ଗିରଫ କରି ଚୋରୀ ହୋଇଥିବା ମୋବାଇଲକୁ ଜବତ କରିବା ସହିତ ସେମାନଙ୍କୁ ରୁପ୍ସା ଥାନାକୁ ନେଇଯାଇଥିଲେ ।ପରେ ଗିରଫ ହୋଇଥବା ୩ ଜଣ ଲୁଟେରାଙ୍କୁ ବାଲେଶ୍ୱର ଜି.ଆର.ପି ଥାନାକୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଠା ଯିବା ପରେ ୧୩୦/୨୬ ମୂଳେ ଏକ ମାମଲା ରୁଜୁ ହୋଇଛି ।ଏହି ଗିରଫଦାରୀକୁ ଭାରତୀୟ ରେଳବାଇର ଯାତ୍ରୀ ସୁରକ୍ଷା ଯୋଜନା ଅନ୍ତର୍ଗତ ବୋଲି ରୁପ୍ସା ଥାନା ପକ୍ଷରୁ ଜଣା ପଡିଛି।

# ଧାମନଗର-ଦୋବଲ ମୁଖ୍ୟରାସ୍ତା ଉପରେ ତଥା କାନାଡା ବ୍ୟାଙ୍କ ସମ୍ମୁଖରେ ପାଇଖାନା ଅପରିଷ୍କାର ଦୁର୍ଗନ୍ଧ ପାଣି

ଧାମନଗର,୯।୮ :(ମନ୍ଥନ) ଧାମନଗର ସହରାଞ୍ଚଳରେ ଜଳ ନିଷ୍କାସନ ପାଇଁ ମାଷ୍ଟର ପ୍ଲାନ ନଥିବାରୁ ବିଭିନ୍ନ ୱାର୍ଡର କେତେକ ସ୍ଥାନରେ ବର୍ଷା ଯୋଗୁଁ ପାଣି ନିଷ୍କାସନ ନହୋଇ ଜମି ରହିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହ ମଶା ବଂଶ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରି ସହରର ସୁନ୍ଦର୍ଯ୍ୟକରଣ ଓ ପରିମଳ ବ୍ୟବସ୍ଥାକୁ ସଫାସୁତୁରା ଓ ସୁଧାର ଆଣିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦ କରି ଖର୍ଚ୍ଚ ହେଉଥିବା ବେଳେ ଧାମନଗର ଏନ୍ ଏ ସି ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଦୀର୍ଘ ଦୁଇ ମାସରୁ ଉର୍ଦ୍ଧ୍ୱ ସହର



ଅଧୀନସ୍ଥ ମେଡିକାଲ ବଜାର ଧାମନଗର-ଦୋବଲ ମୁଖ୍ୟରାସ୍ତା ଉପରେ ତଥା କାନାଡା ବ୍ୟାଙ୍କ ସମ୍ମୁଖରେ ପାଇଖାନା ଟାଙ୍କି ଫାଟି ମଳ ମୂତ୍ର ଦୁର୍ଗନ୍ଧ ସହିତ ଅପରିଷ୍କାର ପାଣି ଅହରହ ଚାଲୁଥିବା ଅଭିଯୋଗ ହୋଇଛି। ଯାହାଫଳରେ ରାସ୍ତାରେ ବିଭିନ୍ନ ଯାନ ଚଳପ୍ରଚଳ ବେଳେ ସେହି ଦୁର୍ଗନ୍ଧ ଅପରିଷ୍କାର ପାଣି ଛିଟିକି ଲୋକଙ୍କ ଉପରେ ପଡ଼ି କେତେବେଳେ ଯେ ଅପ୍ରୀତିକର ସମସ୍ୟା ସୃଷ୍ଟି ହୋଇପାରେ ଏହାକୁ ଏଡାଇ ଦିଆଯାଇ ନପାରେ। ଦୁଃଖ ଓ ପରିତାବର ବିଷୟ ଉକ୍ତ ରାସ୍ତାରେ ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ,ଏନ୍ ଏ ସି ଅଧିକ୍ଷା ନିବେଦିତା ଜେନା ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଯାତାୟାତ କରୁଛନ୍ତି ।ହେଲେ କେଉଁ କାରଣରୁ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି ଜନସାଧାରଣ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବା ପାଇଁ ସାଧାରଣ ଜନତାଙ୍କ ସହ ବୁଦ୍ଧିଜୀବୀ ମହଲରେ ଦାବି କରିଛନ୍ତି।

# ୨ ବର୍ଷ ପରେ ମଧ୍ୟ କଂସେଇଖାନା ଅଧାପନ୍ତରିଆ

ଖଣ୍ଡପଡା, ୯।୮ :(ମନ୍ଥନ)ଖୋଲା ସ୍ଥାନରେ ଓ ଯାତାୟତ ବାଟରେ ଆଉ ମାଂସ କଟା ଯିବ ନାହିଁ। ମାଂସକାଟିବା ପାଇଁ କଂସେଇଖାନା ବାବଦରେ ୩୦ ଲକ୍ଷ ଖର୍ଚ୍ଚ କରିସାରିଲାଣି ଖଣ୍ଡପଡା ଏନଏସି ପ୍ରଶାସନ ।ମାତ୍ର ଯଥା ପୂର୍ବଂ ତଥା ପରଂ ନ୍ୟାୟରେ ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି ବହୁପ୍ରତୀକ୍ଷିତ କଂସେଇଖାନା। ପ୍ରାୟ ଅଢେଇ ବର୍ଷ ତଳେ ଏଥିପାଇଁ ଶିଳାନ୍ୟାସ ସରିବା ସହିତ ମନ୍ଥରଗତିରେ କାମ ଯୋଗୁଁ ବଦନାମ ମୁଣ୍ଡାଇଛି ଏନଏସି ପ୍ରଶାସନ। ପ୍ରକଳ୍ପ ପାଇଁ ୩୦ ଲକ୍ଷ ଅର୍ଥ ଖର୍ଚସରିଥିବା ବେଳେ ଏବେ ପ୍ରକଳ୍ପ ଲୋକଙ୍କ କାମରେ ଲାଗିବା ଭଳି ସ୍ଥିତି ନାହିଁ। ଫଳରେ ପ୍ରତିଦିନ ଆମିଷପାଇଁ ହନ୍ତସନ୍ତ ହେଉଛନ୍ତି ସହରାଞ୍ଚଳ ବାସିନ୍ଦା। ମିଳିଥିବା ସୂଚନା ଅନୁଯାୟୀ ଖଣ୍ଡପଡା ସହରାଞ୍ଚଳର୧୩ ଗୋଟି ୱାର୍ଡର ଲୋକଙ୍କ ସୁବିଧାକୁ ନଜରରେ ରଖି ୧ ନଂ ୱାର୍ଡ ସ୍ଥିତ ବାଇପାସ ରାସ୍ତାରେକଂସେଇଖାନା ନିର୍ମାଣକୁ ମଞ୍ଜୁରୀ ଦେଇଥିଲେ ଏନଏସି କର୍ତ୍ତୃପକ୍ଷ। ମାତ୍ର ଇତି ମଧ୍ୟରେ ଅଢେଇ ବର୍ଷବିତିଥିବା ବେଳେ ପ୍ରକଳ୍ପ



କାମ ଶେଷ ହୋଇପାରିନାହିଁ। ଏନଏସି ପକ୍ଷରୁ ସ୍ୱଚ୍ଛ ଆମିଷ ମାର୍କେଟମଧ୍ୟରେ ଲୋକମାନେ ନିଜ ଗାଡିକୁ ସୁରକ୍ଷିତ ଭାବେ ରଖିବାପାଇଁ ସ୍ୱତନ୍ତ୍ର ପାର୍କିଙ୍ଗ ସୁବିଧାବ୍ୟବସ୍ଥା ସହିତ ମାଂସ ଦୋକାନ, ଚିକେନ ଦୋକାନ ସହିତ ମାଛ ଦୋକାନ ରହିବାର ବ୍ୟବସ୍ଥାକରାଯାଇଥିଲା। ଏପରିକି ପ୍ରକଳ୍ପ ନିର୍ମାଣ ସରିଲେ ସମସ୍ତ ଆମିଷ ବିକ୍ରି କରୁଥିବା ବ୍ୟବସାୟୀ ମାନଙ୍କୁଏହି ମାର୍କେଟ ମଧ୍ୟରେ ରାସ୍ତା କଡରୁ ଉଛେଦ କରାଯାଇ ଥଇଥାନ କରାଯିବ ବୋଲି ସେତେବେଳେ ସୂଚନାଦିଆଯାଇଥିଲା। ତେବେ ଅଢେଇ ବର୍ଷ ପରେ ମଧ୍ୟ ପ୍ରକଳ୍ପ କାମ ଅଧାରେ ରହିଥିବା ଦେଖିବାକୁ ମିଳିଛି ।ପ୍ରକଳ୍ପ ସ୍ଥାନରୁ ଫଳକ ଉଭାନ ହୋଇଯାଇଥିବା ବେଳେ କାମ କେବେ ଶେଷ ହେବ ତାକୁ ନେଇ ପ୍ରଶ୍ନଉଠାଇଛନ୍ତି ସ୍ଥାନୀୟ ବାସିନ୍ଦା। ଅନ୍ୟପକ୍ଷରେ ପ୍ରକଳ୍ପ ନିର୍ମାଣ ହୋଇଥିବା ସ୍ଥାନ ଅତ୍ୟନ୍ତ ଖାଲୁଆହୋଇଥିବା ବେଳେ ଲୋକଙ୍କ ସୁବିଧା ପାଇ ରାସ୍ତା ଓ ପାର୍କିଂ ମଧ୍ୟ ନିର୍ମାଣ ହୋଇପାରିନାହିଁ। ସେହିପରି ୬ ଗୋଟି ଦୋକାନ ଘର ନିର୍ମାଣ ସହିତ ସଟର ଲାଗିଥିବା ବେଳେ ପୂର୍ଣ୍ଣାଙ୍ଗ ହୋଇପାରିନାହିଁ ।ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରକଳ୍ପ ଶେଷ ହେବାରେ ବିଳମ୍ବ ହେଉଥିବାରୁ ମାଂସ ବ୍ୟବସାୟୀ ମାନେସହରାଞ୍ଚଳ ମଧ୍ୟରେ ଦୋକାନ ନ କରି ସୀମାକୁ ଲାଗିଥିବା ଖଳିସାହି ଓ ବନମାଳିପୁର ଅଞ୍ଚଳରେ ରାସ୍ତାକଡରେ ଦୋକାନ କରିଛନ୍ତି। ଏନଏସି କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁସହରାଞ୍ଚଳ ବାସିନ୍ଦା ଦାବି କରିଛନ୍ତି।

# କଦମ୍ବମଠରେ ବିଜେଡିର ମିଶ୍ରଣ ପର୍ବ

ବୁଗୁଡା,୯।୮ :(ମନ୍ଥନ) ବୁଗୁଡ଼ା ବ୍ଲକ ବିରଞ୍ଚିପୁର ପଞ୍ଚାୟତ ଅନ୍ତର୍ଗତ କଦମ୍ବମଠ ପରିସରରେ ବିଜେଡିର ମିଶ୍ରଣ ପର୍ବକୁ ନେଇ ଅଞ୍ଚଳରେ ରାଜନୈତିକ ପାଣିପାଗ ସରଗରମ ହୋଇଉଠିଥିବା ଜଣାଯାଇଛି। ବିଜେଡି ବ୍ଲକ ସଭାପତି ଖଦାଳ ଖଟେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିରଞ୍ଚିପୁର ପଞ୍ଚାୟତ ସରପଞ୍ଚ ମନ୍ଦାକିନୀ ସେଠୀ ତାଙ୍କର ଅନେକ ସମର୍ଥକଙ୍କ ସହ ବିଜେପି ଛାଡି ବିଜେଡିରେ ମିଶିବା ଘଟଣା




ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପୂର୍ବରୁ ଏହିପରି ବୁଗୁଡା ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ମଧ୍ୟ ବିଜେପିକୁ ବାଏ ବାଏ କରି ବହୁ ସମର୍ଥକଙ୍କ ସହ ବିଜେଡିକୁ ଫେରିଥିଲେ। ଏବେ ବିଜେଡିରେ ସରପଞ୍ଚଙ୍କ ଯୋଗଦାନକୁ ନେଇ ଅଞ୍ଚଳରେ ବିଜେଡିର ଶକ୍ତି ବୃଦ୍ଧି ଘଟୁଥିବା କଥା ରାଜନୈତିକ ମହଲରେ ଆଲୋଚନା ହେଉଛି। ଏହି ବହୁ ଚର୍ଚ୍ଚିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ପ୍ରାକ୍ତନ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଏବଂ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କେ.ନୀଳମାଧବ ଆଚାରୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଥିବା ସରପଞ୍ଚ ଓ ତାଙ୍କର ସମର୍ଥକମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ଏ ଅବସରରେ ବିଜେଡ଼ି ପକ୍ଷରୁ ସ୍ଥାନୀୟ ବିଜେପି ନେତୃତ୍ୱ ପ୍ରତି କଟୁ ସମାଲୋଚନା କରାଯାଇ ଅଞ୍ଚଳର ସାଧାରଣ ଲୋକଙ୍କ ସମସ୍ୟାକୁ ଅଣଦେଖା କରାଯାଉଥିବା ସହ ନାରୀଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରାଯାଉନଥିବା ଭଳି ପ୍ରସଙ୍ଗକୁ ନେଇ କ୍ଷୋଭ ପ୍ରକାଶ କରାଯାଇଥିଲା। ଏଥି ସହ ମଣ୍ଡିରେ କ୍ୱିଣ୍ଟାଲ ପିଛା ଛଅ କିଲୋଗ୍ରାମ କଟନିଛଟନି ସାଙ୍ଗକୁ ଅଞ୍ଚଳର ଚାଷୀମାନେ ସାର କଳାବଜାରୀର ସମ୍ମୁଖୀନ ହେଉଥିବାକୁ ନେଇ ଆଗାମୀ ଦିନରେ ବୁଗୁଡ଼ା ବ୍ଲକ ଓ ତହସିଲ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ଘୋଷଣା ସାଙ୍ଗକୁ ଦଳୀୟ ସଂଗଠନକୁ ମଜଭୁତ କରିବା ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି କବିରାଜ ଗୌଡ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ବେହେରା, ନଗର ସଭାପତି କେ.ତ୍ରିଲୋଚନ ଦୋରା, ଉପସଭାପତି ମନୋରଞ୍ଜନ ଦାଶ,ସମ୍ପାଦକ ଅମରେନ୍ଦ୍ର ସେନାପତି ଜିଲ୍ଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକଙ୍କ ସମେତ ବିଜେଡ଼ି ସମର୍ଥିତ ବହୁ ସରପଞ୍ଚ ଓ ସମିତି ସଭ୍ୟ ଏବଂ କର୍ମୀଗଣ ଉପସ୍ଥିତ ରହିଥିଲେ।

ସୋମବାର ୧୦ ଅଗଷ୍ଟ, ୨୦୨୬, ଭୁବନେଶ୍ୱର
Monday 10 August, 2026, Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଅଗଷ୍ଟ ବିପ୍ଳବ

**ଡ଼ଃ.ଅରୁନ୍ଧତୀ ଦେବୀ**

ଭାରତୀୟ ମୁକ୍ତି ସଂଗ୍ରାମର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଥିଲା ଭାରତଛାଡ଼ ଆନ୍ଦୋଳନ । ୧୯୪୨ ଅଗଷ୍ଟ ୯ ତାରିଖରେ ଦେଶକୁ ବ୍ରିଟିଶ ଶାସନ ମୁକ୍ତ କରିବା ପାଇଁ ଶେଷ ପର୍ଯ୍ୟାୟର ଆନ୍ଦୋଳନ ମୁମ୍ବାଇରୁ ଆରମ୍ଭ ହୋଇଥିଲା। ସମସ୍ତ ପ୍ରମୁଖ କଂଗ୍ରେସ ନେତାଙ୍କୁ ପୂର୍ବରୁ ଗିରଫ କରିନିଆଯାଇ ଥିବାରୁ, ଅରୁଣା ଆସଫ ଅଲ୍ଲୀ ମୁମ୍ବାଇର ଗୱାଲିୟା ଟ୍ୟାଙ୍କ ମଇଦାନ (ପରେ ଅଗଷ୍ଟ କ୍ରାନ୍ତି ମଇଦାନ ଭାବେ ନାମିତ)ରେ ପତାକା ଉଡ଼ାଇ, ଏହି ଆନ୍ଦୋଳନ ପାଇଁ ଶଙ୍ଖଧ୍ୱନି ଦେଇଥିଲେ। ଭାରତମାଟିରୁ ବ୍ରିଟିସ୍ ଶାସନର ଅନ୍ତ ଘଟାଇବା ପାଇଁ ଭାରତର ସର୍ବସାଧାରଣ ଏହି ଆନ୍ଦୋଳନରେ ସାମିଲ୍ ହୋଇଥିଲେ । ୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ବମ୍ବେଠାରେ ଅନୁଷ୍ଠିତ ହୋଇଥିବା କଂଗ୍ରେସ ଜାତୀୟ ଅଧିବେଶନରେ ଗାନ୍ଧିଜୀଙ୍କ ନେତୃତ୍ୱରେ ଭାରତ ଛାଡ଼ ଆନ୍ଦୋଳନ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ଆନ୍ଦୋଳନରେ ଦେଶର ସବୁ ଜନ ସାଧାରଣଙ୍କୁ ସାମିଲ୍ କରିବା ପାଇଁ ଗାନ୍ଧିଜୀ 'କର ବା ମର' ଆହ୍ୱାନ ଦେଇଥିଲେ । ଅଗଷ୍ଟ ବିପ୍ଳବ ପ୍ରସ୍ତାବ ଗୃହୀତ ହେବା ପରେ ଅଗଷ୍ଟ ୯ ତାରିଖ ସକାଳେ ଗାନ୍ଧିଜୀଙ୍କ ସମେତ ଦେଶର ବହୁ ତୁଙ୍ଗ ନେତାଙ୍କୁ ଗିରଫ କରିନିଆଯାଇଥିଲା । ଏହା ସହ ଦେଶର କେତେକ ପ୍ରମୁଖ ଖବର କାଗଜକୁ ବନ୍ଦ କରିଦିଆଯାଇଥିଲା । ଦେଶର ତୁଙ୍ଗ ନେତାଙ୍କୁ ଗିରଫ କରି ନିଆଯାଇଥିବାରୁ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା । ଏହି ଦିନ ମୁମ୍ବାଇର ଶିବାଜୀ ପାର୍କରେ ସଂଗ୍ରାମୀ ଅରୁଣ ଆସଫ୍



ଅଲ୍ଲୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏଥିପାଇଁ ବ୍ରିଟିସ୍ ସରକାର ଜନତାଙ୍କ ଉପରେ ଅକଥନୀୟ ଅତ୍ୟାଚାର ଆରମ୍ଭ କରିଦେଲେ । କ୍ରମେ ଏହା ଦେଶର ଅନ୍ୟ ପ୍ରାନ୍ତକୁ ବ୍ୟାପିଗଲା । ବହୁ ସଂଗ୍ରାମୀ ଏଥିରେ ସହୀଦ ହୋଇଥିଲେ ।

ଏଥିରେ ଓଡ଼ିଶାର ଅନେକ ସଂଗ୍ରାମୀ ମଧ୍ୟ ଶହୀଦ ହୋଇଥିଲେ । ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖରେ ଇରମ୍ ଗୁଳିକାଣ୍ଡରେ ୨୬ଜଣ ବ୍ୟକ୍ତି ନିହତ ହୋଇଥିବାବେଳେ ୫୦ଜଣ ଆହତ ହୋଇଥିଲେ । ମାଲକାନାଗିରି ମାଥିଲି ଅଞ୍ଚଳରେ ଆଦିବାସୀ ନେତା ଲକ୍ଷ୍ମଣ ନାୟକ ଶହୀଦ ହୋଇଥିଲେ । ସେହିପରି ପାପଡାହାଣ୍ଡିରେ ଶୋଭାଯାତ୍ରା କରୁଥିବାବେଳେ ପୁଲିସ୍ ଗୁଳିରେ ୧୯ ଜଣଙ୍କ ମୃତ୍ୟୁ ହୋଇଥିଲେ । ମହାନ ଅଗଷ୍ଟ ବିପ୍ଳବର ମୂଳକଥାଟି ହେଉଛି ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ବ୍ରିଟିଶ ପକ୍ଷକୁ ସମର୍ଥନ ସତ୍ତ୍ୱେ, ଯୁଦ୍ଧ ପରେ ଭାରତକୁ ସ୍ୱତନ୍ତ୍ରତା ଦେବା ପାଇଁ ଇଂରେଜମାନେ ଟାଳଟୁଳ ନୀତି ଅବଲମ୍ବନ କରିଥିଲେ। ଏହା ବିରୋଧରେ ବିଶାଳ ଜନ ଆନ୍ଦୋଳନ ଭାରତ ଛାଡ଼ ଆନ୍ଦୋଳନ ଲାଗି ୪ ଜୁଲାଇ ୧୯୪୨ରେ ନିଷ୍ପତ୍ତି ନିଆଯାଇଥିଲା। ସେତେବେଳେ ଏହି ପ୍ରସଙ୍ଗରେ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସରେ ମତଭେଦ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ଆନ୍ଦୋଳନ ଡାକରାକୁ ଗ୍ରହଣ ନକରି ଚକ୍ରବର୍ତ୍ତୀ ରାଜଗୋପାଳଚାରୀ ଦଳ ଛାଡ଼ିଥିଲେ। ହିନ୍ଦୁ ମହାସଭା, ମୁସଲିମ ଲିଗ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ମଧ୍ୟ ସମର୍ଥନ ଦେଇ ନଥିଲେ। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଗାନ୍ଧୀଙ୍କ ଡାକରାକୁ ବିପୁଳ ଜନ ସମର୍ଥନ ମିଳିଥିଲା।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଦାୟିତ୍ୱ ଏବଂ କର୍ତ୍ତବ୍ୟ

ଭାରତ ହେଉଛି ବିଶ୍ୱର ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର। କିନ୍ତୁ ସ୍ୱାଧୀନତାର ପାଖାପାଖି ୮ ଦଶନ୍ଧି ପରେ ମଧ୍ୟ ଦେଶରେ ଗଣତନ୍ତ୍ର ପରିପକ୍ୱତା ହାସଲ କରିନାହିଁ। ବରଂ ଏହାର ମାନ ହ୍ରାସ ପାଇଛି। ଭାରତୀୟମାନେ ନିଜ ଗଣତାନ୍ତ୍ରିକ ଅଧିକାର ଏବଂ ଦାୟିତ୍ୱ ସମ୍ପର୍କରେ ସଚେତନ ହେଲେଣି। ସେମାନେ ନିଜ ମତାଧିକାର ମୂଲ୍ୟ ସମ୍ପର୍କରେ ଅବଗତ ହେଲେଣି। ସେଥିପାଇଁ ପ୍ରତି ନିର୍ବାଚନରେ ମତଦାନ ହାର ବଢୁଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଆମ ନିର୍ବାଚିତ ଜନପ୍ରତିନିଧିମାନେ ନିଜ ଦାୟିତ୍ୱ ଏବଂ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହେଉନାହାଁନ୍ତି। ଦେଶର ବିକାଶ ଏବଂ ଜନତାଙ୍କ କଲ୍ୟାଣ ପାଇଁ ସେମାନେ କ'ଣ କରୁଛନ୍ତି ତାହା ଭିନ୍ନ କଥା। କିନ୍ତୁ ଗଣତନ୍ତ୍ରର ମନ୍ଦିର କୁହାଯାଉଥିବା ସଂସଦ ଏବଂ ବିଧାନସଭାକୁ ସେମାନେ ଯେପରି ଅପବିତ୍ର କରୁଛନ୍ତି ଏବଂ ଏହାର ଗରମା ହାନି କରୁଛନ୍ତି ତାହା ଚିନ୍ତାଜନକ ଏବଂ ନିନ୍ଦନୀୟ। ସଂସଦ ବା ବିଧାନସଭା ଅଧିବେଶନ ଲାଗି ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ ହେଉଛି। କିନ୍ତୁ ଜନପ୍ରତିନିଧିମାନେ ଏହାର ଦୁରୂପଯୋଗ କରୁଛନ୍ତି। ସେମାନେ ଯେଉଁଥିପାଇଁ ନିର୍ବାଚିତ ହୋଇଛନ୍ତି ତାହା କରୁନାହାଁନ୍ତି। ସଂସଦ ବା ବିଧାନସଭାରେ ଦେଶ ଏବଂ ଦେଶବାସୀଙ୍କ ପାଇଁ ଆଲୋଚନା , ବିତର୍କ ଏବଂ ସଠିକ ନିଷ୍ପତ୍ତି ନେବା ସେମାନଙ୍କର ଦାୟିତ୍ୱ। ହଟ୍ଟଗୋଳ କରି ଗୃହକୁ ମୁଲତବି ରଖିବା ଏବଂ ସ୍ୱାଭାବିକ କାର୍ଯ୍ୟକ୍ରମରେ ବାଧା ସୃଷ୍ଟି କରିବା ସେମାନଙ୍କ ଦାୟିତ୍ୱ ନୁହେଁ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ହଟ୍ଟଗୋଳ, ଗୃହ ମୁଲତବି ଏକ ନିୟମିତ ପ୍ରକ୍ରିୟାରେ ପରିଣତ ହୋଇଗଲାଣି। ଅତି ଛୋଟ ଛୋଟ ପ୍ରସଙ୍ଗରେ ବନ୍ଦ ଡାକରା ଦିଆଯିବା ପରି ଗୃହରେ ଉଭୟ ଶାସକ ଓ ବିରୋଧୀ ହଟ୍ଟଗୋଳ କରି ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଏକ ଅଭ୍ୟାସରେ ପରିଣତ ହୋଇଗଲାଣି। ସମ୍ପ୍ରତି ସଂସଦର ମୌସୁମୀ ଅଧିବେଶନ ଚାଲିଛି। କିନ୍ତୁ ନିଟ ପ୍ରଶ୍ନପତ୍ର ଲିକ ଏବଂ ଅଯୋଧ୍ୟାର ରାମ ମନ୍ଦିରରୁ ଦାନ ଅର୍ଥ ଚୋରୀ ପ୍ରସଙ୍ଗରେ ହଟ୍ଟଗୋଳ ହେତୁ ଗୃହ ଚାଲିପାରୁନି। ଏପରିକି ପ୍ରଶ୍ନପତ୍ର ଲିକ୍ ପାଇଁ ନିଜକୁ ନୈତିକ ଭାବେ ଦାୟୀ କରି ଶିକ୍ଷାମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ସତ୍ତ୍ୱେ ଅଚଳାବସ୍ଥା ଦୂର ହୋଇପାରୁନି। ଏହା ହେଉଛି କେବଳ ଗୋଟିଏ ଉଦାହରଣ। ସଂସଦ ଏବଂ ବିଧାନସଭାରେ ଏହା ନିୟମିତ ଚାଲୁଛି। ଲୋକଙ୍କ ଟିକସ ଅର୍ଥ ବରବାଦ ହେଉଛି, ଗଣତନ୍ତ୍ରର ମୂଲ୍ୟବୋଧ ଏବଂ ଗରିମା ରସାତଳଗାମୀ ହେଉଛି। ସଭ୍ୟ, ଶିକ୍ଷିତ, ସଚେତନ ସମାଜରେ ଏହା ଗ୍ରହଣୀୟ ନୁହେଁ। ଏହା ବନ୍ଦ ହେବା ଦରକାର। ଆଗକୁ ରାଜ୍ୟ ବିଧାନସଭା ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ସେଠାରେ ମଧ୍ୟ ଏହାର ପୁନରାବୃତ୍ତିର ଯଥେଷ୍ଟ ସମ୍ଭାବନା ରହିଛି। ବିଭିନ୍ନ ଇସ୍ୟୁ ନେଇ ଗୃହରେ ସରକାରଙ୍କୁ ଘେରିବାକୁ ବିରୋଧୀ ପ୍ରସ୍ତୁତ ହେଉଛନ୍ତି। ଶାସକ ଦଳ ବା ସରକାର ଟିକେ ସହନଶୀଳତା ପ୍ରଦର୍ଶନ କଲେ ସମସ୍ୟାର ସମାଧାନ ହୋଇପାରନ୍ତା। ତେବେ ଏହାର ସ୍ଥାୟୀ ପ୍ରତିକାର ଲୋକଙ୍କ ହାତରେ ରହିଛି। ଲୋକେ ନିଜ ପ୍ରତିନିଧିଙ୍କୁ ଯେତେବେଳେ ଏ ସମ୍ପର୍କରେ ପ୍ରଶ୍ନ ପଚାରିବେ, ସେତେବେଳେ ଯାଇ ଏହାର ସମାଧାନ ହୋଇପାରିବ।

# ସମସ୍ତଙ୍କର ପ୍ରିୟ 'ସୁର ଭାଇ'

**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**

ଆଜି ଓଡିଶାର ରାଜନୈତିକ ଏବଂ ସାମାଜିକ ଜିବନରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା, ସାଧାରଣ ଲୋକଙ୍କ ନେତା, ସମସ୍ତଙ୍କର ପ୍ରିୟ 'ସୁରେଶ ଭାଇ' ଅର୍ଥାତ୍ ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟଙ୍କ ଜନ୍ମଦିନ ଅବସରରେ ଆମେ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଉଛୁ ଯେଉଁ ବ୍ୟକ୍ତିତ୍ୱ କେବଳ ରାଜନୀତିରେ ନୁହେଁ ବରଂ ପ୍ରତିଟି ଓଡିଆଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ଆସନ ଅଧିକାର କରିଛନ୍ତି ଏବଂ ଯାହାଙ୍କର ସରଳତା, ମିଷ୍ଟଭାଷୀ ସ୍ୱଭାବ, ଜନସେବା ପ୍ରତି ଅଦମ୍ୟ ନିଶା ଏବଂ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ସହିତ ମିଶିବାର ଅଦ୍ଭୁତ କ୍ଷମତା ତାଙ୍କୁ ଆଜି ଏକ ଜନନାୟକରେ ପରିଣତ କରିଛି କାରଣ ଓଡିଶାର ରାଜନୈତିକ ମାନଚିତ୍ରରେ ବହୁ ନେତା ଆସିଛନ୍ତି ଏବଂ ଯାଇଛନ୍ତି ମାତ୍ର କିଛି ମହାନ ବ୍ୟକ୍ତିତ୍ୱ ନିଜର କାର୍ଯ୍ୟଶୈଳୀ ଓ ବ୍ୟବହାର ମାଧ୍ୟମରେ ସବୁଦିନ ପାଇଁ ଲୋକଙ୍କ ସ୍ମୃତିରେ ଅମର ହୋଇରହିଥାନ୍ତି ଏବଂ ସେହି ବିରଳ ବ୍ୟକ୍ତିମାନଙ୍କ ମଧ୍ୟରେ ସୁରେଶ ରାଉତରାୟ ହେଉଛନ୍ତି ଅନ୍ୟତମ ପ୍ରମୁଖ ବ୍ୟକ୍ତି ଯିଏ କୌଣସି ଜାତି, ଧର୍ମ, ବର୍ଗ, ବୟସ କିମ୍ବା ଲିଙ୍ଗର ପାର୍ଥକ୍ୟ ନରଖି ସମସ୍ତଙ୍କ ପାଇଁ ସର୍ବଦା ନିଜର ଦ୍ୱାର ଖୋଲା ରଖିଛନ୍ତି ଏବଂ ଯାହାଙ୍କର ଜନ୍ମଦିନ କେବଳ ଏକ ବ୍ୟକ୍ତିଗତ ଉତ୍ସବ ନୁହେଁ ବରଂ ଏହା ଓଡିଶାର ସାଧାରଣ ଜନତାଙ୍କ ପାଇଁ ଏକ ପର୍ବ ପାଳନ ସଦୃଶ ଅଟେ ଯେଉଁଠାରେ ବୃଦ୍ଧ, ଯୁବକ, ମହିଳା, ଶିଶୁ ଏବଂ ସମାଜର ବିଭିନ୍ନ ସ୍ତରର ଲୋକେ ଏକତ୍ରିତ ହୋଇ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଏବଂ ତାଙ୍କ ଦୀର୍ଘାୟୁ ଏବଂ ନିରାମୟ ଜୀବନ କାମନା କରିଥାନ୍ତି ଯାହା ତାଙ୍କର ଲୋକପ୍ରିୟତାର ପ୍ରକୃତ ପ୍ରମାଣ ଦେଇଥାଏ କାରଣ ସେ କେବଳ ଜଣେ ରାଜନେତା ନୁହଁନ୍ତି ବରଂ ସେ ହେଉଛନ୍ତି ପ୍ରତିଟି ଘରର ଜଣେ ଆପଣାର ମଣିଷ, ଜଣେ ଅଭିଭାବକ ଏବଂ ଜଣେ ପ୍ରକୃତ ସମାଜସେବୀ ଯିଏ ନିଜର ସମଗ୍ର ଜୀବନକୁ ଜନସେବା ତଥା ଦୁଃଖୀ, ଗରୀବ ଓ ନିଃସହାୟ ଲୋକଙ୍କ ଉନ୍ନତି ପାଇଁ ଉତ୍ସର୍ଗ କରିଦେଇଛନ୍ତି ଏବଂ ଯାହାଙ୍କର ଜୀବନଯାତ୍ରା ପ୍ରତ୍ୟେକ ଯୁବପିଢି ଏବଂ ଆଜିର ରାଜନେତାମାନଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ହୋଇରହିଛି କାରଣ ସେ ରାଜନୀତିକୁ କେବେହେଁ କ୍ଷମତା ବା ସ୍ୱାର୍ଥର ମାଧ୍ୟମ ଭାବେ ଗ୍ରହଣ କରିନାହାନ୍ତି ବରଂ ଏହାକୁ ସାଧାରଣ ଜନତାଙ୍କ ସେବା କରିବାର ଏକ ମହାନ ମାଧ୍ୟମ ଭାବେ ଗ୍ରହଣ କରିଛନ୍ତି ଯେଉଁଥିପାଇଁ ସେ କଂଗ୍ରେସ ଦଳର ଜଣେ ନିଷ୍ଠାବାନ ଓ ପ୍ରମୁଖ ସ୍ତମ୍ଭ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ବଜାୟ ରଖିଛନ୍ତି ଏବଂ ଦଳୀୟ ସୀମା ବାହାରେ ମଧ୍ୟ ଅନ୍ୟାନ୍ୟ ଦଳର ନେତାମାନେ ତାଙ୍କୁ ସମାନ ଭାବରେ ଆଦର ଓ ସମ୍ମାନ କରିଥାନ୍ତି ଯାହା ତାଙ୍କ ସୌମ୍ୟ ଏବଂ ମିଳନସାର ବ୍ୟକ୍ତିତ୍ୱର ଏକ ବଡ ପରିଚୟ ଅଟେ ଏବଂ ଆଜିର ଏହି ଶୁଭ ଦିବସରେ ଯେତେବେଳେ ଆମେ ତାଙ୍କର ଜୀବନ ଓ କର୍ମମୟ ଅଧ୍ୟାୟକୁ ଆଲୋଚନା କରୁଛୁ, ସେତେବେଳେ ଆମକୁ ତାଙ୍କର ସଂଘର୍ଷପୂର୍ଣ୍ଣ ଅତୀତ, ଲୋକପ୍ରିୟତାର ରହସ୍ୟ ଏବଂ ସମାଜ ପ୍ରତି ତାଙ୍କର ଅବଦାନକୁ ଗଭୀର ଭାବରେ ଅନୁଧ୍ୟାନ କରିବାକୁ ପଡିବ ଯାହାଦ୍ୱାରା ଆମେ ଜାଣିପାରିବା ଯେ କିପରି ଜଣେ ସାଧାରଣ ମଣିଷ ନିଜର ନିଃସ୍ୱାର୍ଥପର ସେବା ଓ ମହାନ ଗୁଣବତା ବଳରେ ସମଗ୍ର ଓଡିଶାର କୋଣ ଅନୁକୋଣରେ ଏକ ଅବିସ୍ମରଣୀୟ ସ୍ଥାନ ଅଧିକାର କରିପାରିଛନ୍ତି ଯାହାଫଳରେ ଆଜି ସେ କେବଳ ଜଣେ ନେତା ନାହାଁନ୍ତି ବରଂ ଓଡିଶାର ରାଜନୈତିକ ଓ ସାମାଜିକ ଇତିହାସର ଜଣେ ଜୀବନ୍ତ କିମ୍ବଦନ୍ତୀ ପାଲଟିଯାଇଛନ୍ତି ଏବଂ ଯାହାଙ୍କର ଜୀବନୀ ଆମ ସମସ୍ତଙ୍କ ପାଇଁ ଏକ ଆଦର୍ଶ ପାଠାଗାର ସଦୃଶ ଅଟେ ଯାହାକୁ ଅଧ୍ୟୟନ କରି ଯୁବପିଢି ସେବା, ତ୍ୟାଗ ଏବଂ ମାନବିକତାର ପ୍ରକୃତ ପାଠ ଶିଖିପାରିବେ ଏବଂ ଆମର ଏହି ସମ୍ପାଦକୀୟ ସ୍ତମ୍ଭ ମାଧ୍ୟମରେ ଆମେ ତାଙ୍କର ଏହି ମହାନ ଦିବସରେ ତାଙ୍କୁ ଭକ୍ତିପୂତ ପ୍ରଣାମ ଓ ଅଭିନନ୍ଦନ ଜଣାଉଛୁ ଏବଂ କାମନା କରୁଛୁ ଯେ ସେ ଦୀର୍ଘଜୀବୀ ହୋଇ ଆମ ସମସ୍ତଙ୍କଚ ଏହିପରି ଭାବରେ ନିଜର ମାର୍ଗଦର୍ଶନ ଓ ସ୍ନେହ ପ୍ରଦାନ କରୁଥାନ୍ତୁ ଯାହା ଦ୍ୱାରା ଓଡିଶାର ସାଧାରଣ ଜନତା ସର୍ବଦା ଜଣେ ଦୃଢ ଓ ଆପଣାର ନେତାର ସାନ୍ନିଧ୍ୟ ପାଇ ପାରିବେ ଏବଂ ସମାଜରେ ଶାନ୍ତି, ପ୍ରୀତି, ଏକତା ଓ ବିକାଶର ଧାରା ଅବିହିତ ରହିବ କାରଣ ସୁରେଶ ରାଉତରାୟଙ୍କ ବ୍ୟକ୍ତିତ୍ୱ କେବଳ ରାଜନୀତିରେ ସୀମିତ ନୁହେଁ ବରଂ ଏହା ମାନବିକତା ଏବଂ ପ୍ରକୃତ ଜନସେବାର ଏକ ଜ୍ୱଳନ୍ତ ପ୍ରତିକ ଅଟେ ଯାହାକୁ ପ୍ରତ୍ୟେକ ଓଡିଆ ସର୍ବଦା ଗର୍ବର ସହିତ ସ୍ମରଣ କରିଥାନ୍ତି ଏବଂ ଯାହାଙ୍କର ପ୍ରତିଟି କଥା, ପ୍ରତିଟି ହସ ଏବଂ ପ୍ରତିଟି ପଦକ୍ଷେପରେ ସାଧାରଣ ଲୋକଙ୍କ ପ୍ରତି ରହିଥିବା ଅକାତର ଭଲପାଇବା ଏବଂ ସହାନୁଭୂତିର ପରିପ୍ରକାଶ ଦେଖିବାକୁ ମିଳିଥାଏ ଯାହା ତାଙ୍କୁ ଅନ୍ୟ ସମସ୍ତ ନେତାଙ୍କଠାରୁ ସମ୍ପୂର୍ଣ୍ଣ ଅଲଗା ଏବଂ ସ୍ୱତନ୍ତ୍ର କରିଥାଏ ଏବଂ ଯାହାଙ୍କର ଏହି ସ୍ନେହ ଓ ଆପଣାପଣର ଭାବନା ପାଇଁ ସେ ଆଜି ବୃଦ୍ଧ, ଯୁବକ, ମାଉସୀ, ଭଉଣୀ ଏବଂ ଛୋଟ ପିଲାମାନଙ୍କ ମଧ୍ୟରେ ଅତ୍ୟନ୍ତ ଲୋକପ୍ରିୟ ଅଟନ୍ତି ଯାହାଙ୍କୁ ସମସ୍ତେ ଆଦରରେ 'ସୁରେଶ ଭାଇ' ବୋଲି ସମ୍ବୋଧନ କରିଥାନ୍ତି ଏବଂ ସେ ମଧ୍ୟ ସମସ୍ତଙ୍କ ସହିତ ସମାନ ଭାବରେ ମିଶିଯାଇ ସେମାନଙ୍କ ସୁଖଦୁଃଖର ସାଥୀ ହୋଇଥାନ୍ତି ଯାହା ତାଙ୍କର ଜନପ୍ରିୟତାର ମୂଳମନ୍ତ୍ର ଅଟେ ଏବଂ ଯାହାଙ୍କର ଏହି ଜନ୍ମଦିନ ଅବସରରେ ଆମେ ସମସ୍ତେ ତାଙ୍କର ଏହି ମହାନ ଗୁଣଗୁଡିକୁ ମନେ ପକାଇବା ସହିତ ତାଙ୍କର ସ୍ୱାସ୍ଥ୍ୟ ଏବଂ ଦୀର୍ଘାୟୁ କାମନା କରିବା ଆମ ସମସ୍ତଙ୍କର ଏକ ମୁଖ୍ୟ କର୍ତବ୍ୟ ଅଟେ। ସୁରେଶ ରାଉତରାୟଙ୍କ ଦୀର୍ଘ ଦିନର ରାଜନୈତିକ ଏବଂ ସାମାଜିକ ଜୀବନ ଓଡିଶାର ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ଯେଉଁଥିରେ ତାଙ୍କର ଅତୀତର ସଂଘର୍ଷ ଏବଂ ବର୍ତ୍ତମାନର ଜନସେବା ଉଭୟେ ସମାନ ଭାବରେ ପ୍ରେରଣାଦାୟୀ ଅଟନ୍ତି କାରଣ ଅତୀତରେ ସେ ଜଣେ ଯୁବ ନେତା ଭାବେ ଛାତ୍ର ଆନ୍ଦୋଳନରୁ ଆରମ୍ଭ କରି କଂଗ୍ରେସ ଦଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ଅତ୍ୟନ୍ତ ନିଷ୍ଠା ଏବଂ ସାହସର ସହିତ ତୁଲାଇଥିଲେ ଯେତେବେଳେ ସେ ରାଜ୍ୟର ଜଣେ ପ୍ରଭାବଶାଳୀ ନେତା ଭାବେ ନିଜକୁ ପ୍ରତିଷ୍ଠା କରିବା ସହିତ ବିଭିନ୍ନ ଜନହିତକର କାର୍ଯ୍ୟ ଏବଂ ମନ୍ତ୍ରୀ ଭାବେ ନିଜର ଦକ୍ଷତା ପ୍ରମାଣିତ କରିଥିଲେ ଏବଂ ବିଶେଷ କରି ଜନତାଙ୍କ ମୌଳିକ ସମସ୍ୟା, ସ୍ୱାସ୍ଥ୍ୟ ସେବା, ଶିକ୍ଷା ଏବଂ ଗରିବ କଲ୍ୟାଣ ପାଇଁ ସେ ଯେଉଁ ତ୍ୟାଗ ଓ ପରିଶ୍ରମ କରିଛନ୍ତି ତାହା ଅତୀତର ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି ଯେଉଁଠାରେ ସେ କେବଳ ନିଜ ନିର୍ବାଚନ ମଣ୍ଡଳୀ କିମ୍ବା ଦଳୀୟ ସୀମା ଭିତରରେ ସୀମିତ ନରହି ସମଗ୍ର ଓଡିଶାର ଜନସାଧାରଣଙ୍କ ସୁଃଖରେ ସର୍ବଦା ଆଗେଇ ଆସିଛନ୍ତି ଏବଂ ବର୍ତମାନ ସମୟରେ ମଧ୍ୟ ବାର୍ଦ୍ଧକ୍ୟ କିମ୍ବା ଅନ୍ୟ କୌଣସି ପରିସ୍ଥିତିକୁ ଖାତିର ନକରି ସେ ସେହି ସମାନ ଉତ୍ସାହ, ଶକ୍ତି ଏବଂ ସମର୍ପଣ ଭାବ ସହିତ ଦିନରାତି ଲୋକଙ୍କ ସେବାରେ ନିଜକୁ ନିୟୋଜିତ ରଖିଛନ୍ତି ଯାହା ଆଜିର ରାଜନୀତିରେ ଏକ ବିରଳ ଦୃଶ୍ୟ ଅଟେ କାରଣ ଆଜିର ବ୍ୟସ୍ତବହୁଳ ଦୁନିଆରେ ଯେତେବେଳେ ନେତାମାନେ କେବଳ ନିର୍ବାଚନ ସମୟରେ ଲୋକଙ୍କ ପାଖକୁ ଯାଆନ୍ତି, ସେତେବେଳେ ସୁରେଶ ରାଉତରାୟ ହେଉଛନ୍ତି ଏକମାତ୍ର ବ୍ୟକ୍ତିତ୍ୱ ଯିଏ ପ୍ରତିଦିନ, ପ୍ରତିକ୍ଷଣ ସାଧାରଣ ମଣିଷର ସୁଖଦୁଃଖର ସାଥୀ ହୋଇ ରହିଥାନ୍ତି ଏବଂ କୌଣସି ଅସୁବିଧାରେ ପଡିଥିବା ବ୍ୟକ୍ତିଙ୍କ ପାଇଁ ସର୍ବଦା ଆଗୁଆ ସାହାଯ୍ୟର ହାତ ବଢାଇ ଦେଇଥାନ୍ତି ଯାହା ତାଙ୍କର ଅତୀତର ମହାନ କାର୍ଯ୍ୟଗୁଡିକୁ ଆଜିର ବର୍ତମାନ ପରିବେଶରେ ମଧ୍ୟ ଅଧିକ ଜୀବନ୍ତ ଏବଂ ପ୍ରାସଙ୍ଗିକ କରି ରଖିଛି ଏବଂ ଯାହାଙ୍କର ଏହି ନରନ୍ତର ସେବା ମନୋଭାବ ଓ ଅତୀତର ତ୍ୟାଗପୂର୍ଣ୍ଣ ଜୀବନଯାତ୍ରା ଆଜିର ଯୁବପିଢି ଏବଂ ନବଗତ ରାଜନେତାମାନଙ୍କ ପାଇଁ ଏକ ପ୍ରକୃତ ପାଠାଗାର ସଦୃଶ କାମ କରୁଛି ଯାହା ଶିକ୍ଷା ଦିଏ ଯେ ପ୍ରକୃତ ଜନସେବା ହିଁ ମଣିଷକୁ ସବୁଦିନ ପାଇଁ ଅମର କରି ରଖିଥାଏ ଏବଂ ସେହି କାରଣରୁ ହିଁ ଅତୀତରୁ ଆଜି ପର୍ଯ୍ୟନ୍ତ ତାଙ୍କର ଲୋକପ୍ରିୟତା କେବେହେଁ କମିନାହିଁ ବରଂ ଦିନକୁ ଦିନ ଅଧିକରୁ ଅଧିକ ବୃଦ୍ଧି ପାଇଛି ଯାହା ତାଙ୍କର ଜୀବନର ସବୁଠାରୁ ବଡ ସଫଳତା ଏବଂ ପ୍ରାପ୍ତି ଅଟେ। ଆଜି ସୁରେଶ ରାଉତରାୟ ଜନ୍ମଦିନ ଅବସରରେ ଯେତେବେଳେ ଆମେ ତାଙ୍କର ଅତୀତର ସଂଘର୍ଷମୟ ଏବଂ ଗୌରବଜ୍ଜ୍ୱଳ ଅଧ୍ୟାୟକୁ ସ୍ମରଣ କରୁଛୁ, ସେତେବେଳେ ଜଣାଯାଏ ଯେ ତାଙ୍କର ଏହି ସଫଳ ଏବଂ ଲୋକପ୍ରିୟ ଜୀବନର ମୂଳଭିତି କିପରି ଏକ କଠିନ ପରିଶ୍ରମ ଓ ନିଃସ୍ୱାର୍ଥପୁର ସେବା ମାଧ୍ୟମରେ ପ୍ରତିଷ୍ଠିତ ହୋଇଥିଲା କାରଣ ଅତୀତର ସେହି ଦିନଗୁଡିକରେ ଯେତେବେଳେ ସେ ଜଣେ ଯୁବକ ଭାବେ ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ପାଦ ଦେଇଥିଲେ, ସେତେବେଳେ ରାଜ୍ୟରେ ଏବଂ ଦେଶରେ ବିଭିନ୍ନ ପ୍ରକାରର ପରିସ୍ଥିତି ଲାଗିରହିଥିଲା ଏବଂ ସେହି ସମୟରୁ ହିଁ ସେ ସାଧାରଣ ଜନତାଙ୍କ ଅଧିକାର, ସ୍ୱାର୍ଥ ଏବଂ କଲ୍ୟାଣ ପାଇଁ ରାଜରାସ୍ତାରୁ ଆରମ୍ଭ କରି ବିଧାନସଭା ପର୍ଯ୍ୟନ୍ତ ନିଜର ଦୃଢ ସ୍ୱର ଉତୋଳନ କରିଆସୁଛନ୍ତି ଯାହା ତାଙ୍କୁ ଜଣେ ସାହସୀ ଏବଂ ନିର୍ଭୀକ ନେତା ଭାବେ ପରିଚିତ କରାଇଥିଲା ଏବଂ ଅତୀତରେ କଂଗ୍ରେସ ଦଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବା (କ୍ରମଶଃ)

# ଶୟନ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଦେବ ଶୟନରେ ଏପରି ବି ଅଛି। ବର୍ଷା ଆରମ୍ଭ କାଳରେ ନଦୀଜଳ ଗୋଳିଆ ହୋଇ ପ୍ରବାହିତ ହେଉଥାଏ। ଏହି ପାର୍ଶ୍ୱ ପରିବର୍ତ୍ତନ ଠାରୁ ଜଳର ମାଟିଆ ଅଂଶ ତଳକୁ ବସିବା ଆରମ୍ଭ କରେ ଓ ବର୍ଷାଜଳ ସର୍ବତ୍ର ଆସ୍ତେ ଆସ୍ତେ ମାଟିର ନିମ୍ନକୁ ବିଶୋଷିତ ହୋଇଚାଲେ। ଏହି ଚାରିମାସରେ ଗୃହ ନିର୍ମାଣ, ପୁଷ୍କରିଣୀ, କୂପ ଖନନ ସମ୍ପୂର୍ଣ୍ଣ ମନା। ଏପରିକି ପୂର୍ଣ୍ଣ ନଦୀ ଲଙ୍ଘି ସନ୍ୟାସୀ ସାଧୁ ଗର୍ଭବତୀ ନାରୀ ପାରି ହେବା ମନା। ବର୍ତ୍ତମାନ ପରି ପୋଲ ପୂର୍ବ ସମୟରେ ନଥିଲା ପୁରନ୍ତା ନଦୀ ପାର ପାଇଁ ଡଙ୍ଗା ଥିଲା ଏକ ମାତ୍ର ଭରସା। ସେଇ ସମୟ ପାଇଁ ଯେତେ ବ୍ୟବସ୍ଥା ଥିଲା ତାହା ଏଇ ପୋଲ ସେତୁ ଯୁଗରେ ଅଣଦେଖା। କୌଣସି ଆକ୍ରମଣକାରୀ ଲୁଣ୍ଠନ ପାଇଁ ଘୋଡ଼ା ଆସିବା ନଦୀରେ ଜଳ ପୂର୍ଣ୍ଣ ଯୋଗୁଁ କାର୍ତ୍ତିକ ମାସ ଶେଷ ପର୍ଯ୍ୟନ୍ତ ନଦୀ ଯୋଡ଼ର କର୍ଦ୍ଦମାକ୍ତ ଯୋଗୁ ବାଧକ ଥିଲା। ସବୁଚାଷୀ ବନ୍ଦୀ ସ୍ଥଧାନ ନଦୀ ପାର ବା ଯୋଡ଼ ପାର ଏକ ଚଲାପଥ ଦେଇଥିଲା। ଚାରିପଟେ ଜଳ ଦ୍ୱାରା ଛେଦ ଶସ୍ୟ କ୍ଷେତ୍ରର ମଧ୍ୟରେ ଜନପଦ ଗ୍ରାମ ଥିଲା। ଏହା ଏକ ଜଳର ଖାଇ ଓ କର୍ଦ୍ଦମାକ୍ତ ବେଷ୍ଟନୀ ଚାଷ ଭୂମି ପାରି ଜନପଦ ଏକ ନର ଦୁର୍ଗ ରହିବା ପରି ବୋଧ ହେଉଥିଲା। ଏସବୁ ସୁଚିନ୍ତିତ ବୁଦ୍ଧିରେ ଜ୍ଞାନୀମାନେ ଜନପଦ ବାନ୍ଧିଥିଲେ। ବ୍ୟବହାରିକ ଶାସ୍ତ୍ର ସେହି ଧାରାରେ କରାଯାଇଥିଲା। ସ୍ୱାଧୀନତା ପରେ ଲୋକେ ଅନେକ ଅଭୟ ପ୍ରାପ୍ତ ହୋଇ ସୁନ୍ଦର ଯୋଗାଯୋଗ ରାସ୍ତା ଓ ରାଜ ଚଳିତ ଥାନା ପୋଲିସ ବ୍ୟବସ୍ଥା କରିବା ଦ୍ୱାରା ଲୋକଙ୍କ ଭିନ୍ନ ଜୀବନ ଧାରା ହୋଇଛି। ପ୍ରାକ କାଳରେ ଲୋକ ଚଳଣୀ ଆଉ ସମସ୍ତେ ମାନିବାକୁ ବାଧ ହେଉନାହାନ୍ତି। ଦେବ ଶୟନୀ କାଳରେ ପୂର୍ବ ଧାର୍ଯ୍ୟ କର୍ମ ଧାରା ସମ୍ପୂର୍ଣ୍ଣ ପରିବର୍ତ୍ତନ ଅନେକ ବ୍ୟବହାରିକ ବ୍ୟବସ୍ଥାରେ କରାଗଲାଣି। ଅନେକ ତାନ୍ତ୍ରିକ ରାତ୍ରୀ ଅଛି ମୋହରାତ୍ରୀ ହରି ଜନ୍ମ ବା ଶ୍ରୀକୃଷ୍ଣ ଜନ୍ମ ସହ ମହାମାୟା ବିଜୁଳି କନ୍ୟାଙ୍କ ଜନ୍ମର ରାତ୍ରୀ।

ମହାରାତ୍ରୀ ଯାହା ଦୁର୍ଗା ପୂଜାର ମହାଷ୍ଟମୀ ରାତ୍ରୀ। କାଳରାତ୍ରୀ, କାଳୀପୂଜା ଦିନର ରାତ୍ରୀ। ଏସବୁ ଦେବଶୟନୀ କାଳରେ ଆସିଥାଏ। କୁମାର ପୂର୍ଣ୍ଣିମା ରାତ୍ରୀ ସନ୍ଧ୍ୟାରେ କୁମାରୀ ମାନଙ୍କ ଚାନ୍ଦ ପୂଜା, ଦିୱାଲୀ ଦିନ ରାତ୍ରୀ ପାଳନ ବଳୀ ରାଜୋତ୍ସବ ଯୁଆଖେଳ ସବୁ ହିଁ ବଡ଼ ବଡୁଆ ଡାକ ଏହି ସମୟରେ ଭୋଗ ହେଉଛି। ଏଥିରେ ଥିବା ଯୁକ୍ତିଯୁକ୍ତ ପାଳନର ନିୟମ ମାନିବା ଦେଖାଯାଉନାହିଁ। ଚୋରଙ୍କ ସିନ୍ଧି କାଠି ପୂଜା ଏହି କାଳୀ ପୂଜାଦିନ ଯୋଗୁ ଏଦିନ ଚୋରଙ୍କ ପ୍ରଥମ ଚୋରୀ ଅନୁକୂଳ ରାତ୍ରୀ, ଏ ପାଇଁ ଏ ଦିନ ଚେତୁଆଲ ଗୃହସ୍ଥମାନେ ରହନ୍ତି। ଦେବୀ ମା ମାନଙ୍କ ଆରାଧନା ଏହି ସମୟ ମଧ୍ୟରେ ପଡ଼େ ଦୁର୍ଗା ଗଜଲକ୍ଷ୍ମୀ, ଶ୍ୟାମାକାଳୀ, ମହାକାଳୀ, ଗନ୍ଧେଶ୍ୱରୀ ଆଦିଙ୍କ ପୂଜା ଏହି ସମୟରେ ପାଳନ କରାଯାଉଛି। ମନୁଷ୍ୟ ଠି ହୋଇ ଚଳପ୍ରଚଳ ହେଲେ ମନୁଷ୍ୟ ଶରୀରରେ ଥିବା ରକ୍ତ ସଂଚାଳନ ପ୍ରକ୍ରିୟାର ଗନ୍ତାଘର ହୃଦଯନ୍ତ୍ରରୁ ରକ୍ତ ଗୋଡ଼ ହାତ ପଟକୁ ପୃଥିବୀର ମାଧ୍ୟାକର୍ଷଣ ଶକ୍ତିର ଅନୁକୂଳରେ ରକ୍ତ ଧମନୀ ରେନିମ୍ନ ଗାମୀ ପ୍ରବାହିତ ହୁଏ ମାତ୍ର ହୃଦଯନ୍ତ୍ର ସ୍ୱ ବଳରେ ପମ୍ପରେ ଉପରକୁ ନିଜ ଅଙ୍ଗକୁ ଭିଡ଼େ, ପକ୍ଷାନ୍ତରରେ ମୁଣ୍ଡକୁ ଏହାର ଓଲଟ କ୍ରିୟା ହୁଏ, ଯାହା ମୁଣ୍ଡରୁ ରକ୍ତ ନିମ୍ନଗାମୀରେ ହୃଦଯନ୍ତ୍ରକୁ ମାଧ୍ୟାକର୍ଷଣ ସହାୟକକୁ ମୁଣ୍ଡକୁ ରକ୍ତ ହୃଦଯନ୍ତ୍ର ଉଠାଇବା ବେଳେ ମାଧ୍ୟାକର୍ଷଣ ଶକ୍ତି ବାଧା ପକାଏ। ଶୟନ କାଳରେ ପୃଥିବୀ ସହ ଶରୀର ସମାନ୍ତରଳରେ ରହିବା ଯୋଗୁଁ ହୃଦଯନ୍ତ୍ରକୁ ସାଧାରଣ କାର୍ଯ୍ୟକର କରାଏ। ଶୟନ ଦ୍ୱାରା ଶରୀରକୁ ପରଦିନ ଏ ପାଇଁ ଫୁର୍ତ୍ତି ଲାଗେ। ଏପରି ବହୁ ସଂକେତ ଦେବ ଶୟନ ଓ ମାନବୀୟ ଶୟନରେ ଜଡ଼ିତ ଅଛି।

**ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩**

# ମଳମାସ ମନ୍ଦିର ମଳମାସ ଠାକୁର

**ଡକ୍ଟର ତପନ କୁମାର ପାଲ**

ବର୍ଷର ବାରମାସର ଅଧିପତି ଦ୍ୱାଦଶ ବିଷ୍ଣୁ। ମଳମାସ ବର୍ଷର ତ୍ରୟୋଦଶ ମାସ। ପୌରାଣିକ ପ୍ରସଙ୍ଗ ଅନୁସାରେ, ଏହି ମାସର କୌଣସି ନାମ ନଥିବାରୁ ଏବଂ ଏହାର କେହି ଅଧିପତି ମଧ୍ୟ ନଥିବାରୁ ଏହି ମାସ ଅପିବତ୍ର ଥିଲା। ତେଣୁ ମଳମାସର ଅନୁରୋଧ ରକ୍ଷା କରି ଭଗବାନ ବିଷ୍ଣୁ ତାହାକୁ ନିଜର ନାମ ଦେଇଥିଲେ। ସେହିଦିନ ଠାରୁ ମଳମାସ ଶ୍ରୀପୁରୁଷୋତ୍ତମ ମାସ ହେଲା। ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ଭିତର ବେଢ଼ାରେ କଳ୍ପବଟ ମୂଳ ଠାରେ ଅଛି ମଳମାସ ଠାକୁରଙ୍କ ମନ୍ଦିର। ଏହା ବଟମୂଳ ମଙ୍ଗଳାଙ୍କର ପ୍ରାୟ ସମ୍ମୁଖ ଭାଗରେ ଅବସ୍ଥିତ। ଏହି ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଶ୍ରୀଲୋକନାଥ ଦେବଙ୍କ ମନ୍ଦିର ଏବଂ ବାମ ପାର୍ଶ୍ୱରେ ଶ୍ରୀଜମେଶ୍ୱର ଦେବଙ୍କ ମନ୍ଦିର ବିଦ୍ୟମାନ। ଏହି ମନ୍ଦିରର ଉଚ୍ଚତା ପ୍ରାୟ ୧୧ଫୁଟ। ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଏହାକୁ ବରାହନାରାୟଣ ମନ୍ଦିର କୁହାଯାଇଥିଲେ ମଧ୍ୟ ଲୋକମୁଖରେ ଏହା ଶ୍ରୀପୁରୁଷୋତ୍ତମ ମନ୍ଦିର ବା ଶ୍ରୀମଳମାସ ନାରାୟଣ ମନ୍ଦିର ଭାବରେ କଥିତ।

ଏହି ମନ୍ଦିରକୁ ସ୍ୱତ୍ୱଲିପିରେ ବରାହନାରାୟଣ ମନ୍ଦିର କୁହାଯିବାର କାରଣ, ଏହି ମନ୍ଦିରରେ ନାରାୟଣଙ୍କ ସହିତ ବରାହ ଅବତାରଙ୍କର ବିଗ୍ରହ ମଧ୍ୟ ପୂଜିତ ହୋଇଥାଆନ୍ତି। ତେବେ ବରାହ ଓ ନାରାୟଣ ଉଭୟ ଏଠାରେ ଏକତ୍ର ପୂଜିତ ହେବାର କାରଣ ଜଣାଯାଏ ନାହିଁ। ଏହି ମନ୍ଦିରର ଶ୍ରୀ ନାରାୟଣ ମୂର୍ତ୍ତି ସ୍ୱତନ୍ତ୍ର।




ଏହି ମୂର୍ତ୍ତି ଚତୁର୍ଭୁଜ ଏବଂ ଧ୍ୟାନମୁଦ୍ରାରେ ସୁଖାସୀନ ହୋଇ ପଦ୍ମଦଳ ଉପରେ ଉପବେଶନ କରିଛନ୍ତି। ଏହାଙ୍କର ଉର୍ଦ୍ଧ୍ୱ ଦକ୍ଷିଣ ହସ୍ତରେ ଚକ୍ର ଓ ଉର୍ଦ୍ଧ୍ୱ ବାମ ହସ୍ତରେ ଶଙ୍ଖ ବିଦ୍ୟମାନ। ନିମ୍ନ ଦୁଇ ହସ୍ତ ମଧ୍ୟରୁ ବାମ ହସ୍ତର ପାପୁଲି ଉପରେ ଦକ୍ଷିଣ ହସ୍ତର ପାପୁଲି ରହିଛି।

ତାହାଙ୍କର ଚକ୍ଷୁ ଅର୍ଦ୍ଧନିମୀଳିତ। ଏହି ବିଗ୍ରହଙ୍କର ଦୁଇପାର୍ଶ୍ୱରେ ବିଭିନ୍ନ ଅବତାରଙ୍କର ପର୍ଯ୍ୟନ୍ତ ଯଥାକ୍ରମେ ମତ୍ସ୍ୟ, କଚ୍ଛପ, ବରାହ ଓ ନୃସିଂହ ଅବତାର ଏବଂ ବାମ ଭାଗରେ ଉର୍ଦ୍ଧ୍ୱରୁ ନିମ୍ନ ପର୍ଯ୍ୟନ୍ତ ଯଥାକ୍ରମେ ବାମନ, ପର୍ଶୁରାମ, ବଳରାମ ଓ ରାମଙ୍କ ଅବତାର ରହିଛନ୍ତି। କେତେକ ପ୍ରବାଚକ ଏହି ବିଗ୍ରହଙ୍କର ଆଲୋଚନା କରି ଏହାକୁ ନବମ ଅବତାର ବୁଦ୍ଧଙ୍କ ସହ ସମନ୍ୱିତ କରି ଶ୍ରୀଜଗନ୍ନାଥ ହିଁ ବୋଧାତ୍ମକ ବୁଦ୍ଧ ବୋଲି କହିଲେ ମଧ୍ୟ ପ୍ରକୃତରେ ଏହା ଯୋଗେଶ୍ୱର ବିଷ୍ଣୁଙ୍କର ମୂର୍ତ୍ତି। ଏହି ମୂର୍ତ୍ତି ସମଗ୍ର ଭାରତ ବର୍ଷରେ ବିରଳ। ଏଣୁ ଏହି ବିରଳ ଯୋଗେଶ୍ୱର ନାରାୟଣ ମୂର୍ତ୍ତିଙ୍କୁ ମଳମାସର ଅଧିପତି ଶ୍ରୀପୁରୁଷୋତ୍ତମ ବା ମଳମାସ ନାରାୟଣ ରୂପେ ପୂଜା କରାଯିବ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ, ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩



# ବିଜେପି ସମର୍ଥନରେ ରାହୁଲ ଗାନ୍ଧୀ, ପ୍ରଶଂସା କଲେ କିରେନ୍ ରିଜିଜୁ

**ନୂଆଦିଲ୍ଲୀ,୯ ।୮(ଏଜେନ୍ସି):** ଅନେକ ଥର ରାହୁଲ ମହିଳାଙ୍କ ଅଧିକାରକୁ ନେଇ ସରକାରଙ୍କୁ ଟାର୍ଗେଟ୍‌କରି ଥିବା ନଜର ଆସିଛନ୍ତି । ଦେଶର ବିଭିନ୍ନ ପ୍ରସଙ୍ଗରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗଣମାଧ୍ୟମ ହେଉ ଅବା ସୋସିଆଲ ମିଡିଆ ମାଧ୍ୟମରେ ସେ ଜନତାଙ୍କ ସହ ଯୋଡି ହେବାକୁ ପ୍ରୟାସ କରିଥାନ୍ତି । ଏହା ମଧ୍ୟରେ ଲୋକସଭା ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଏକ ଭିଡିଓ ଭାଇରାଲ ହେଉଛି । ଆଶ୍ଚର୍ଯ୍ୟ କଥା ହେଉଛି ରାହୁଲଙ୍କ ଭିଡିଓ ବିଜେପି ନେତାଙ୍କୁ ବେଶ୍ ପସନ୍ଦ ଆସିଛି । ରାଜନୀତିରେ ସାଧାରଣତଃ ପରସ୍ପରକୁ ଟାର୍ଗେଟ୍ କରୁଥିବା ବିଜେପି ଓ କଂଗ୍ରେସ ନେତାଙ୍କ ମଧ୍ୟରେ ଏବେ ଏକ ଭିନ୍ନ ଚିତ୍ର ସାମ୍ନାକୁ ଆସିଛି । କଂଗ୍ରେସ ନେତା ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଏକ ଭିଡିଓକୁ ପ୍ରଶଂସା କରିଛନ୍ତି କେନ୍ଦ୍ରମନ୍ତ୍ରୀ କିରେନ୍ ରିଜିଜୁ ।ମହିଳାଙ୍କ ଅଧିକାର ଓ ସ୍ୱାଧୀନତାକୁ ନେଇ ରାହୁଲ ଗାନ୍ଧୀଙ୍କ ଏକ ଭିଡିଓ କଂଗ୍ରେସ ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟଫର୍ମ Xରେ ସେୟାର କରାଯାଇଥିଲା । ଏହି ଭିଡିଓରେ ରାହୁଲ ଗାନ୍ଧୀ ଭାରତୀୟ ମହିଳାଙ୍କ ଅଧିକାର, ସ୍ୱାଧୀନତା ଓ ଅଭିବ୍ୟକ୍ତିର ଅଧିକାର ବିଷୟରେ କହୁଥିବା ଦେଖିବାକୁ ମିଳିଛି । ଭିଡିଓକୁ ରିପୋଷ୍ଟ କରି କିରେନ୍ ରିଜିଜୁ କହିଛନ୍ତି ଯେ, କଂଗ୍ରେସ ପକ୍ଷରୁ ଏହା ଏକ ସକାରାତ୍ମକ ସନ୍ଦେଶ ଭଳି ଲାଗୁଛି । ଏଥିସହ ମହିଳାଙ୍କ ପ୍ରତି ରାହୁଲ ଗାନ୍ଧୀଙ୍କ ମନୋଭାବରେ ପରିବର୍ତ୍ତନ ଦେଖାଯାଉଥିବା ମଧ୍ୟ ସେ କହିଛନ୍ତି । ରିଜିଜୁ ଆଶା ପ୍ରକାଶ କରିଛନ୍ତି ଯେ କଂଗ୍ରେସ ଦଳ ମହିଳା ସଂରକ୍ଷଣ ବିଲ୍‌କୁ ନିଃସର୍ତ୍ତରେ ସମର୍ଥନ କରିବ । ଭିଡିଓରେ ରାହୁଲ ଗାନ୍ଧୀ କହୁଛନ୍ତି ଯେ, ଭାରତୀୟ ମହିଳାଙ୍କ ଶକ୍ତି ଦମନ ହୋଇ ରହିଛି । ସେମାନଙ୍କୁ ନିଜକୁ ପ୍ରକାଶ କରିବା ଓ ନିଜ ସ୍ୱପ୍ନକୁ ନେଇ କଳ୍ପନା କରିବାର ପୂର୍ଣ୍ଣ ସ୍ୱାଧୀନତା ମିଳୁନାହିଁ । ମହିଳାମାନେ ନିଜକୁ ପୂର୍ଣ୍ଣ ଭାବେ ପ୍ରକାଶ କରିନପାରିଲେ କୌଣସି ଦେଶ ସଫଳ ହୋଇପାରିବ ନାହିଁ ବୋଲି ରାହୁଲ କହିଛନ୍ତି । ତେବେ କେବଳ ସୋସିଆଲ ମିଡିଆରେ ନୁହେଁ, ସଂସଦରେ ମଧ୍ୟ ରାହୁଲ ଗାନ୍ଧୀ ଓ କିରେନ୍ ରିଜିଜୁଙ୍କ ମଧ୍ୟରେ ସାକ୍ଷାତ ହୋଇଛି । ସଂସଦୀୟ ଅଚଳାବସ୍ଥା ମଧ୍ୟରେ ଉଭୟ ନେତାଙ୍କ ସାକ୍ଷାତକୁ ନେଇ ଚର୍ଚ୍ଚା ବଢ଼ିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରାୟ ୧୦ ଦିନ ମଧ୍ୟରେ ଉଭୟ ନେତା ଦୁଇଥର ସାକ୍ଷାତ କରିଥିବା ଜଣାପଡ଼ିଛି ।



# ଧନୀ ହେବା ପୂର୍ବରୁ ବୁଢ଼ା ହୋଇଯିବ ଭାରତ !
# ୨୦୫୦ ସୁଦ୍ଧା ଦେଶରେ ଥିବେ ୩୫ କୋଟି ବୁଢ଼ା

**ନୂଆଦିଲ୍ଲୀ,୯ ।୮(ଏଜେନ୍ସି):** ଧନୀ ହେବାର ସ୍ୱପ୍ନ ସାକାର ହେବା ପୂର୍ବରୁ ବାର୍ଦ୍ଧକ୍ୟ ଆଡ଼କୁ ଦ୍ରୁତ ଗତିରେ ମୁହାଁଉଛି ଭାରତ। ୨୦୫୦ ସୁଦ୍ଧା ଦେଶର ପ୍ରାୟ ୩୫ କୋଟି ଜନସଂଖ୍ୟା ବୃଦ୍ଧାବସ୍ଥାରେ ପହଞ୍ଚିବାକୁ ଥିବାବେଳେ ଏହାର ସବୁଠୁ ବଡ଼ ପ୍ରଭାବ ଗ୍ରାମୀଣ ଅର୍ଥନୀତି ଓ ମହିଳାଙ୍କ ଉପରେ ପଡ଼ିବାକୁ ଯାଉଛି। ବଦଳୁଥିବା ପାରିବାରିକ ଢାଞ୍ଚା ଏବଂ ବୃଦ୍ଧଙ୍କ ଯତ୍ନ ନେବା ପାଇଁ ହ୍ରାସ ପାଉଥିବା ଯୁବକର୍ମୀଙ୍କ ସଂଖ୍ୟା ଏବେ ଦେଶର ସାମାଜିକ ଓ ସ୍ୱାସ୍ଥ୍ୟ ସୁରକ୍ଷା ବ୍ୟବସ୍ଥା ଆଗରେ ଏକ ବଡ଼ ଚେତାବନୀ ଛିଡ଼ା କରିଛି ।ଟ୍ରାନ୍ସଫର୍ମ ରୁରାଲ ଇଣ୍ଡିଆ ପକ୍ଷରୁ ଜାରି ଏକ ଶ୍ୱେତପତ୍ର ଅନୁସାରେ, ୨୦୫୦ ସୁଦ୍ଧା ୩୪.୭ କୋଟି ଭାରତୀୟ ହୋଇଯିବେ ବୁଢ଼ା । ବୟସ ସେମାନଙ୍କର ୬୦ ବର୍ଷରୁ ଅଧିକ ହୋଇଯାଇଥିବ । ଏମାନଙ୍କ ମଧ୍ୟରୁ ପ୍ରତି ୧୦ରୁ ପ୍ରାୟ ୭ ଜଣ ଗ୍ରାମାଞ୍ଚଳରେ ରହୁଥିବେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଗ୍ରାମୀଣ ଭାରତରେ ସମାନ ସୁଯୋଗ ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରୁଥିବା ସଂସ୍ଥା ଟିଆର୍‌ଆଇ ଚେତାବନୀ ଦେଇଛି ଯେ, ଏହି ପରିବର୍ତ୍ତନର ସବୁଠାରୁ ଅଧିକ ପ୍ରଭାବ ମହିଳାଙ୍କ ଉପରେ ପଡିବ । କେଉଁ କାଳରୁ ଭାରତରେ ଏକ ପାରିବାରିକ ଯତ୍ନ ବ୍ୟବସ୍ଥା ରହିଆସିଛି । ବୃଦ୍ଧ ହେବା ପରେ ଯତ୍ନ ନିଅନ୍ତି ପରିବାର ଲୋକେ । ବିଶେଷକରି ମହିଳାମାନେ ଏହି କାର୍ଯ୍ୟରେ ଅଧିକ ନିୟୋଜିତ । ଏବେ ଏହା ଏକ ବଡ ଚିନ୍ତା ପାଲଟିବ । କାରଣ ପରିବାର ଛୋଟ ହେଉଛି, ଯୁବପିଢି କାର୍ଯ୍ୟ ପାଇଁ ବାହାରକୁ ଚାଲିଯାଉଛନ୍ତି । ତେଣୁ ଘରେ ରହି ଯାଉଥିବା ବୃଦ୍ଧବୃଦ୍ଧାଙ୍କ ଯତ୍ନ ସମସ୍ୟା ପାଲଟିବ ।ତଥ୍ୟ ଅନୁସାରେ, ବୃଦ୍ଧମାନଙ୍କୁ ପ୍ରଦାନ କରାଯାଉଥିବା ଯତ୍ନର ୯୪% ପରିବାର ଲୋକଙ୍କ ଦ୍ୱାରା ହେଉଛି । ଛୋଟ ପରିବାର ଯୋଗୁ ଯତ୍ନ ନେବା ପାଇଁ ଲୋକ କମ୍ । ଏଭଳି ସ୍ଥିତିରେ ଭାରତର ସ୍ଥିତି ଯାହା ରହିଛି, ଆଗକୁ ବୃଦ୍ଧମାନଙ୍କ ଯତ୍ନ ବଡ ଆହ୍ୱାନ ପାଲଟିବ । ରିପୋର୍ଟ ମୁତାବକ, ମହିଳାମାନେ ଅବୈତନିକ ଯତ୍ନ ଉପରେ ଦିନକୁ ପାଖାପାଖି ୩୦୫ ମିନିଟ୍ ବିତାଉଛନ୍ତି । ପୁରୁଷଙ୍କ କ୍ଷେତ୍ରରେ ଏହା ମାତ୍ର ୫୬ ମିନିଟ । ଦିନକୁ ଦିନ ମହିଳାଙ୍କ ଅବୈତନିକ କାର୍ଯ୍ୟଚାପ ବଢିଚାଲିଛି । ଆଗକୁ ଗ୍ରାମୀଣ ମହିଳାଙ୍କ ଉପରେ ଚାପ ଆହୁରି ବଢ଼ିପାରେ ବୋଲି ରିପୋର୍ଟରେ କୁହାଯାଇଛି ।ରିପୋର୍ଟରେ କୁହାଯାଇଛି, ପ୍ରତ୍ୟେକ ବୃଦ୍ଧ ବ୍ୟକ୍ତିଙ୍କୁ ସାହାରା ଦେବା ପାଇଁ ଉପଲବ୍ଧ କର୍ମଜୀବୀ ପ୍ରାପ୍ତ ବୟସ୍କଙ୍କ ସଂଖ୍ୟା ବଡ ମାତ୍ରାରେ ଖସିଯିବ । ଏହା ୨୦୦୧ରେ ୮.୪ ଥିବାବେଳେ ୨୦୨୬ରେ ମାତ୍ର ୫.୨କୁ ସଂକୁଚିତ ହେବ । ଏହା ପରିବାର ଏବଂ ଗ୍ରାମୀଣ ଯତ୍ନ ବ୍ୟବସ୍ଥା ଉପରେ ଚାପ ବଢାଇବ । 'ଡେମୋଗ୍ରାଫିକ ଟ୍ରାଞ୍ଜିସନ, ଇଭଲ୍ଭିଂ ଫ୍ୟାମିଲିଜ୍ ଆଣ୍ଡ୍ ଦ ଫ୍ୟୁଚର ଅଫ୍ ଦ କେୟାର୍ ଇକୋସିଷ୍ଟମ ଇନ୍ ରୁରାଲ ଇଣ୍ଡିଆ' ନାମକ ଏହି ଶ୍ୱେତ ପତ୍ରରେ ଯୁକ୍ତି ବଢାଯାଇଛି ଯେ, ଭାରତର ସାର୍ବଜନିକ ସ୍ୱାସ୍ଥ୍ୟସେବା କ୍ଷେତ୍ର ପରିବର୍ତ୍ତନର ଏକ ନୂତନ ପର୍ଯ୍ୟାୟରେ ପଦାର୍ପଣ କରିଛି ।ରିପୋର୍ଟ ଅନୁସାରେ, ପ୍ରମାଣିତ ଓ ସୁଲଭ ଚିକିତ୍ସା ବ୍ୟବସ୍ଥା ଯୋଗୁ ଲୋକେ ଦୀର୍ଘଦିନ ବଞ୍ଚୁଛନ୍ତି । ତଥାପି ଦୀର୍ଘ ଜୀବନକାଳ, ଦୀର୍ଘଦିନ ଧରି ରହୁଥିବା ରୋଗ ଏବଂ ପରିବର୍ତ୍ତିତ ପାରିବାରିକ ଢାଞ୍ଚା ଯୋଗୁ ବୃଦ୍ଧମାନଙ୍କ ଯତ୍ନ ଲାଗି ଏକ ଭିନ୍ନ ଉପାୟ ଲୋଡା । ବିଭିନ୍ନ ପ୍ରକାର ତଥ୍ୟକୁ ଆଖି ଆଗରେ ରଖି ଏହି ଶ୍ୱେତ ପତ୍ର ନୀତି ନିର୍ଦ୍ଧାରଣକାରୀଙ୍କୁ ଏ ଦିଗରେ ଏକ ସୁଚିନ୍ତିତ ରୋଡମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦେଉଛି ।

# ଦିଲ୍ଲୀରେ ୭ ଆଫ୍ରିକୀୟ ନାଗରିକ ଅଟକ !

**ନୂଆଦିଲ୍ଲୀ,୯ ।୮(ଏଜେନ୍ସି):**ଦିଲ୍ଲୀରେ ଅଧିକ ସମୟ ଧରି ରହୁଥିବା ଅଭିଯୋଗରେ ୭ ଜଣ ଆଫ୍ରିକୀୟ ନାଗରିକଙ୍କ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇଛି । ଏଥିରେ ୫ ଜଣ ନାଇଜେରୀୟ ଏବଂ ୨ ଜଣ ଘାନା ନାଗରିକ ରହିଛନ୍ତି । ପାଣ୍ଡବ ନଗର ପୁଲିସ ଷ୍ଟେସନ ପକ୍ଷରୁ ଗୁପ୍ତ ଭାବେ ଯାଞ୍ଚ କରାଯିବା ପରେ ସେମାନଙ୍କୁ ଅଟକ ରଖାଯାଇଥିବା ପୁଲିସ ସୂଚନା ଦେଇଛି । ପୁଲିସ ସ୍ଥାନୀୟ ଅଞ୍ଚଳରୁ ଗୁଇନ୍ଦା ସୂଚନା ସଂଗ୍ରହ କରିବା ସହ ସମ୍ପୃକ୍ତ ବିଦେଶୀ ନାଗରିକଙ୍କ ରେକର୍ଡ ଯାଞ୍ଚ କରିଥିଲା । ଅଗଷ୍ଟ ୪ ତାରିଖରେ ୪ ଜଣ ନାଇଜେରୀୟ ନାଗରିକଙ୍କୁ ଅଟକ ରଖାଯାଇଥିଲା । ଯାଞ୍ଚ ସମୟରେ ସିନ୍ଥିଆ ନାମକ ଜଣେ ମହିଳାଙ୍କର ବେଙ୍ଗାଲୁରୁରେ ୨୦୨୧ରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ରୁଜୁ କରିଥିବା ଏକ ମାମଲାରେ ପୂର୍ବରୁ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ଉକ୍ତ ମାମଲାରେ କୋର୍ଟ ପ୍ରକ୍ରିୟା ଚାଲୁଥିବା ପୁଲିସ କହିଛି ।ଅନ୍ୟ ଏକ ଚଢ଼ାଉରେ ପାଟପରଗଞ୍ଜର ସ୍ୱାସପୁର ଅଞ୍ଚଳରୁ ଆଉ ୩ ଜଣ ନାଇଜେରୀୟ ନାଗରିକଙ୍କୁ ଧରାଯାଇଥିଲା । ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ନାମ ଅଧିକ ସମୟ ଧରି ରହୁଥିବା ବିଦେଶୀଙ୍କ ତାଲିକାରେ ଥିବା ଜଣାପଡ଼ିଛି । ଆବଶ୍ୟକ କାଗଜପତ୍ର ଯାଞ୍ଚ ପରେ ସମସ୍ତ ୭ ଜଣଙ୍କୁ ଦିଲ୍ଲୀର ଏଫ୍‌ଆର୍‌ଆରଓ ନିକଟରେ ହାଜର କରାଯାଇଛି । ଏବେ ଏଫ୍‌ଆର୍‌ଆର୍‌ଓ ସହ ସମନ୍ୱୟରେ ସେମାନଙ୍କୁ ନିର୍ବାସନ କରିବା ପ୍ରକ୍ରିୟା ଆରମ୍ଭ ହୋଇଥିବା ପୁଲିସ ସୂଚନା ଦେଇଛି ।

# ୧୦୦ ଫୁଟ୍ ତଳକୁ ଖସିଲା ବସ୍, ୭ ମୃତ; ୧୧ ଆହତ

**ନୂଆଦିଲ୍ଲୀ,୯ ।୮(ଏଜେନ୍ସି):** ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ଘଟିଛି ଭୟଙ୍କର ସଡ଼କ ଦୁର୍ଘଟଣା । ଟିସା-ବୈରଗଡ଼ ମୁଖ୍ୟ ରାସ୍ତାର ଚାଲୁଜ୍ ମୋଡ଼ ନିକଟରେ ଏକ ଘରୋଇ ବସ୍ ରାସ୍ତାରୁ ପ୍ରାୟ ୧୦୦ ଫୁଟ୍ ତଳକୁ ଖସି ପଡ଼ିଛି । ଏହି ଦୁର୍ଘଟଣାରେ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ହୋଇଛି । ୧୧ ଜଣ ଯାତ୍ରୀ ଆହତ ହୋଇଛନ୍ତି । ସୂଚନା ଅନୁସାରେ, ବସ୍‌ଟି ସକାଳ ପ୍ରାୟ ସାଢେ ୬ଟାରେ ବୈରଗଡ଼ରୁ ଚମ୍ବା ଅଭିମୁଖେ ବାହାରିଥିଲା । ବସ୍‌ରେ ମୋଟ ୧୮ ଜଣ ଯାତ୍ରୀ ଥିଲେ ।ପ୍ରାୟ ୩ କିଲୋମିଟର ଯିବା ପରେ ଦେବୀକୋଠି ନିକଟ ଚାଲୁଜ୍? ମୋଡ଼ରେ ବସ୍‌ଟି ନିୟନ୍ତ୍ରଣ ହରାଇ ଗଭୀର ଖାଇକୁ ଖସି ପଡ଼ିଥିଲା । ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ଓ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା । ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଚମ୍ବାର ପଣ୍ଡିତ ଜବାହରଲାଲ ନେହେରୁ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଯାଇଛି । ଦୁର୍ଘଟଣାର ପ୍ରକୃତ କାରଣ ଏବଂ ମୃତକ ଓ ଆହତଙ୍କ ପରିଚୟ ଏଯାଏଁ ସ୍ପଷ୍ଟ ହୋଇନାହିଁ । ଗତ ଦୁଇ ମାସରେ ଚମ୍ବା ଜିଲ୍ଲାରେ ଅନେକ ବଡ଼ ସଡ଼କ ଦୁର୍ଘଟଣା ଘଟି ୨୫ରୁ ଅଧିକ ଜଣଙ୍କ ଜୀବନ ଯାଇଥିବାରୁ ଚିନ୍ତା ବଢ଼ିଛି ।

# କିଭ୍‌ରେ ରୁଷର ଭୟଙ୍କର ଆକ୍ରମଣ, ୩ ବର୍ଷର ଶିଶୁ ସମେତ ୪ ମୃତ

**ନୂଆଦିଲ୍ଲୀ,୯ ।୮(ଏଜେନ୍ସି):**ୟୁକ୍ରେନ୍‌ର ରାଜଧାନୀ କିଭ୍ ଓ ଏହାର ଆଖପାଖ ଅଞ୍ଚଳରେ ରୁଷିଆର ଭୟଙ୍କର ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣ ଆତଙ୍କ ସୃଷ୍ଟି କରିଛି । ଶନିବାର ରାତିସାରା ଚାଲିଥିବା ଏହି ଆକ୍ରମଣରେ ୩ ବର୍ଷର ଶିଶୁ ସମେତ ୪ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଶିଶୁଟିର ଜେଜେବାପା ଓ ଜେଜେମା' ମଧ୍ୟ ଥିବା ଜଣାପଡ଼ିଛି । କିଭ୍‌ର ବ୍‌ରୋଭାରୀ ଜିଲ୍ଲାରେ ଡ୍ରୋନ୍ ମାଡ଼ରେ ଏକ ଆବାସିକ ଘର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି । ଏଥିରେ ଅନ୍ୟ ୪ ଜଣ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ସେହିପରି କିଭ୍‌ରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଆକ୍ରମଣରେ ଆଉ ଜଣଙ୍କ ମୃତ୍ୟୁ ହୋଇଥିବା ୟୁକ୍‌ରେନ୍ ରାଷ୍ଟ୍ରପତି ଭ୍ଲାଦିମିର୍ ଜେଲେନସ୍କି କହିଛନ୍ତି ।ୟୁକ୍‌ରେନ୍ ଅଧିକାରୀଙ୍କ ଅନୁସାରେ, ରୁଷିଆ ରାତିସାରା ୧୫୧ଟି ଡ୍ରୋନ ଓ ୬ଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଛାଡ଼ିଥିଲା । ଏଥିରୁ ୧୩୫ଟି ଡ୍ରୋନକୁ ନଷ୍ଟ କରାଯାଇଥିବା ଦାବି କରାଯାଇଛି । ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ରୋକିବାରେ ୟୁକ୍ରେନ୍‌ର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଚାପରେ ରହିଛି । ବିଶେଷକରି ପାଟ୍ରିଅଟ୍ ମିସାଇଲ୍‌ର ଅଭାବ ନେଇ ୟୁକ୍ରେନ୍ ଚିନ୍ତା ପ୍ରକାଶ କରିଛି । ଅଧିକ ପ୍ରତିରକ୍ଷା କ୍ଷେପଣାସ୍ତ୍ର ଯୋଗାଇବା ସହ ରୁଷିଆର କ୍ଷେପଣାସ୍ତ୍ର ଉତ୍ପାଦନ ରୋକିବାକୁ ପାଶ୍ଚାତ୍ୟ ଦେଶଗୁଡ଼ିକୁ ଜେଲେନସ୍କି ଆହ୍ୱାନ କରିଛନ୍ତି ।

# ପଛକୁ ହଟିବୁ ନାହିଁ କି ମୁଣ୍ଡ ନୁଆଇଁବୁ ନାହିଁ : ପେଜେସ୍କିଆନ

**ନୂଆଦିଲ୍ଲୀ,୯ ।୮(ଏଜେନ୍ସି):**ଦେଶର ସରକାରୀ ଟିଭିରେ ପ୍ରସାରିତ ଏକ ସାକ୍ଷାତକାରରେ, ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଆମେରିକା ଏବଂ ଇସ୍ରାଏଲକୁ କଡା ଚେତାବନୀ ଦେଇଛନ୍ତି। ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଗମ୍ଭୀର ଚ୍ୟାଲେଞ୍ଜ ଏବଂ ବାହ୍ୟ ସାମରିକ ଚାପ ସତ୍ତ୍ୱେ, ଇରାନ କେବେ ବି ପଛକୁ ହଟିବ ନାହିଁ କି କାହା ଆଗରେ ମୁଣ୍ଡ ନୁଆଁଇବ ନାହିଁ। ଏହି ବିନାଶକାରୀ ଯୁଦ୍ଧ ଇରାନ ଦ୍ୱାରା ଆରମ୍ଭ ହୋଇନଥିଲା । ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଆମ ସରକାର ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ନିରନ୍ତର ଚେଷ୍ଟା କରିଆସୁଥିଲେ, କିନ୍ତୁ ଅନ୍ୟ ପାର୍ଶ୍ୱରୁ ଉତ୍ତ ?ଜନା ବୃଦ୍ଧି ପାଇ ଶେଷରେ ଯୁଦ୍ଧ ଆରମ୍ଭ ହୋଇଥିଲା ।ବିରୋଧୀମାନେ ସିରିଆ ପରି ମାତ୍ର ୪୮ ଘଣ୍ଟା ମଧ୍ୟରେ ଇରାନକୁ ଦଖଲ କରିବାକୁ ଯୋଜନା କରିଥିଲେ। ତେବେ ଇରାନ ନିଜର ସାମରିକ ଶକ୍ତି ଏବଂ କ୍ଷମତାର ଏକ ଚମତ୍କାର ପ୍ରଦର୍ଶନ ସହିତ ସେମାନଙ୍କର ଯୋଜନାକୁ ପଣ୍ଡ କରିଦେଇଥିଲା। ଯାହା ପ୍ରମାଣ କରିଥିଲା ଯେ, ଦେଶକୁ ଏତେ ସହଜରେ ଦୁର୍ବଳ ଅବା ଅସ୍ଥିର କରାଯାଇପାରିବ ନାହିଁ ।ବିରୋଧୀମାନେ ଆଶା କରିଥିଲେ, ବର୍ଦ୍ଧିତ ସାମରିକ ଚାପ ଏବଂ ଦେଶର କ୍ରମାଗତ ଭାବରେ ଅବନତିଶୀଳ ଆର୍ଥିକ ପରିସ୍ଥିତି ଯୋଗୁଁ ଇରାନ ସମ୍ପୂର୍ଣ୍ଣ ଭାଙ୍ଗିଯିବ, କିନ୍ତୁ ସେମାନଙ୍କର ଆଶା ପୂରଣ ହୋଇନାହିଁ। ଏହି ଭୟଙ୍କର ପରିସ୍ଥିତିରେ ମଧ୍ୟ, ଇରାନ ଆଜି ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ଠିଆ ହୋଇଛି।

## ଜେନ୍-ଜିଙ୍କୁ ମୋଦୀଙ୍କ ବଡ଼ ବାର୍ତ୍ତା
# ଆମର ତୁମ ଉପରେ ବିଶ୍ୱାସ ଅଛି

**ନୂଆଦିଲ୍ଲୀ,୯ ।୮(ଏଜେନ୍ସି):**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆଇଆଇଟି ଦିଲ୍ଲୀର ୫୭ତମ ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇ ତାଙ୍କ ଭାଷଣରେ ସିଜେପି ପ୍ରତିବାଦ ପରେ ପ୍ରଥମ ଥର ପାଇଁ ଦେଶର ଯୁବ ପିଢ଼ିଙ୍କ କ୍ଷମତା ଏବଂ ଶକ୍ତି ଉପରେ ବିଶ୍ୱାସ ପ୍ରକଟ କରିଛନ୍ତି । ବିକଶିତ ଭାରତ ଆଡ଼କୁ ଯାତ୍ରାରେ ଦେଶକୁ ସେମାନଙ୍କର ଆବଶ୍ୟକତା ଅଛି । ସେ ଜେନ୍-ଜିଙ୍କ ଉଦ୍ଦେଶ୍ୟରେ କହିଛନ୍ତି,ଆମର ତୁମ ଉପରେ ବିଶ୍ୱାସ ଅଛି, ଦେଶକୁ ତୁମର ଆବଶ୍ୟକତା ଅଛି। ପ୍ରତ୍ୟେକ ପିଢ଼ିର ଦେଶ ପ୍ରତି ଏକ ଦାୟିତ୍ୱ ରହିଛି ଏବଂ ଯୁବପିଢ଼ିଙ୍କ ଲକ୍ଷ୍ୟରେ ଦେଶର ସର୍ବାଙ୍ଗୀନ ବିକାଶ ଅନ୍ତର୍ଭୁକ୍ତ ହେବା ଉଚିତ୍ । ଆପଣମାନେ ସମସ୍ତେ ଜାଣନ୍ତି ଯେ ପ୍ରତ୍ୟେକ ପିଢ଼ି ନିଜ ସମୟର ଚ୍ୟାଲେଞ୍ଜର ସମ୍ମୁଖୀନ ହୁଏ ଏବଂ ଦେଶ ପ୍ରତି ନିଜର ଦାୟିତ୍ୱ ମଧ୍ୟ ପୂରଣ କରିବାକୁ ପଡ଼ିଥାଏ ।ଆଗାମୀ ୩୦ ରୁ ୩୫ ବର୍ଷ ମଧ୍ୟରେ ଆପଣମାନଙ୍କର କାର୍ଯ୍ୟ ଆମର ବିକଶିତ ଭାରତ ଯାତ୍ରାକୁ ପ୍ରଭାବିତ କରିବ । ତେଣୁ, ଆପଣ ନେଉଥିବା ପ୍ରତ୍ୟେକ ନିଷ୍ପତ୍ତି ଦେଶକୁ କିପରି ଲାଭ ଦେବ ତାହା ଉପରେ ଆଧାରିତ ହେବା ଉଚିତ୍ । ଏହା ଦେଶର କେଉଁ ଆବଶ୍ୟକତା ପୂରଣ କରିବ ତାହା ଚିନ୍ତା କରିବା ଆବଶ୍ୟକ । ଆଜିର ଦ୍ରୁତ ପରିବର୍ତ୍ତିତ ବିଶ୍ୱରେ ପ୍ରଯୁକ୍ତିବିଦ୍ୟା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଯେଉଁମାନେ ପରିବର୍ତ୍ତନ ସହିତ ନିଜକୁ ଖାପ ଖୁଆଇବେ ସେମାନେ ଶେଷରେ ଜିତିବେ ।ବିଶ୍ୱ ରଣନୈତିକ ସମୀକରଣ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି । ବିଶ୍ୱ ଶକ୍ତି ସନ୍ତୁଳନ ବର୍ତ୍ତମାନ ବିକଶିତ ହେଉଛି, ମୁଖ୍ୟତଃ ପ୍ରଯୁକ୍ତିବିଦ୍ୟା ପ୍ରଗତି ଦ୍ୱାରା ପରିଚାଳିତ । ଆଗାମୀ ୨୦ରୁ ୩୦ ବର୍ଷ ମଧ୍ୟରେ ବିଶ୍ୱ କିପରି ଦେଖାଯିବ ତାହା କେହି ନିଶ୍ଚିତ ଭାବରେ କହିପାରିବେ ନାହିଁ। ବିଶ୍ୱ, ପ୍ରଯୁକ୍ତିବିଦ୍ୟା, ଶିଳ୍ପ ଏବଂ ବୃତ୍ତି ସବୁ ବିକଶିତ ହେବ । କିନ୍ତୁ ଏସବୁ ମଧ୍ୟରେ, ଗୋଟିଏ କଥା ମନେରଖିବାକୁ ହେବ ଯେଉଁମାନେ ଶିଖିବା ଜାରି ରଖିବେ ସେମାନେ ସଫଳ ହେବେ । ସ୍କାଏରୁଟର ବିକ୍ରମ-୧ ରକେଟର ସଫଳ ପ୍ରକ୍ଷେପଣ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସରକାର ଯୁବପିଢ଼ିଙ୍କ ଯୋଗଦାନ ପାଇଁ ବିଭିନ୍ନ ଉପାୟ ଖୋଲିଛନ୍ତି । ନୂତନ କ୍ଷେତ୍ର ମଧ୍ୟ ଖୋଲାଯାଇଛି । ମୁଁ ପୂର୍ବରୁ ମହାକାଶ କ୍ଷେତ୍ର ବିଷୟରେ କହିଥିଲି । ଆଜି ସେହି ମହାକାଶ କ୍ଷେତ୍ର ଆମ ଯୁବପିଢ଼ି ପାଇଁ ଏକ ଆକାଶ ପାଲଟିଛି । ଆଜି ଆମର ଯୁବପିଢ଼ି ରକେଟ ଲଞ୍ଚ କରୁଛନ୍ତି । ଆମର ଡ୍ରୋନ୍ କ୍ଷେତ୍ର ମଧ୍ୟ ବିସ୍ତାର ହେଉଛି । ଜାତୀୟ ସୁରକ୍ଷା ଏବଂ ଔଷଧ ପରିବହନରେ ଡ୍ରୋନ୍ ବ୍ୟବହାର କରାଯାଉଛି ।ନୂତନ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ପାଇଁ ଗବେଷଣା, ବିକାଶ ଏବଂ ନବସୃଜନ ଯୋଜନା ଆରମ୍ଭ କରାଯାଇଛି । ଦେଶରେ ବିଜ୍ଞାନ ଏବଂ ଗବେଷଣାକୁ ଏକ ନୂତନ ପ୍ରେରଣା ଦେବା ପାଇଁ ଜାତୀୟ ଗବେଷଣା ଫାଉଣ୍ଡେସନ୍ ମଧ୍ୟ ପ୍ରତିଷ୍ଠା କରାଯାଇଛି । ଗବେଷଣା କ୍ଷେତ୍ର ପାଇଁ ୧ ଲକ୍ଷ କୋଟି ପର୍ଯ୍ୟନ୍ତ ପାଣ୍ଠି ବ୍ୟବସ୍ଥା କରାଯାଉଛି । ଏକ ରାଷ୍ଟ୍ର, ଏକ ସବସ୍କ୍ରିପସନ୍ ପଦକ୍ଷେପ ମାଧ୍ୟମରେ, ବିଶ୍ୱ ପ୍ରସିଦ୍ଧ ଗବେଷଣା ପତ୍ରିକାଗୁଡ଼ିକ ଏବେ ଦେଶର ଛୋଟ ଛୋଟ ସହରଗୁଡ଼ିକରେ ମଧ୍ୟ କୌଣସି ଅତିରିକ୍ତ ମୂଲ୍ୟ ବିନା ଉପଲବ୍ଧ ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।



# କେରଳରେ 'ରାଟ୍ ଫିଭର୍' ଆତଙ୍କ !
## ୫୮ ମୃତ, ୧୩୫୨ ସଂକ୍ରମିତ

**ନୂଆଦିଲ୍ଲୀ,୯ ।୮(ଏଜେନ୍ସି):** କେରଳରେ ବର୍ଷା ଋତୁ ସହ ଲେପ୍‌ଟୋସ୍ପାଇରୋସିସ୍ ବା 'ରାଟ୍ ଫିଭର୍'କୁ ନେଇ ଚିନ୍ତା ବଢ଼ିଛି । ସରକାରୀ ତଥ୍ୟ ଅନୁସାରେ, ୨୦୨୬ ଜୁଲାଇ ୨୯ ତାରିଖ ସୁଦ୍ଧା ରାଜ୍ୟରେ ୧୩୫୨ ଜଣ ଲେପ୍‌ଟୋସ୍ପାଇରୋସିସ୍‌ରେ ଆକ୍ରାନ୍ତ ହୋଇଥିବାବେଳେ ୫୮ ଜଣଙ୍କ ମୃତ୍ୟୁ ହୋଇଛି । ବର୍ଷା ଦିନରେ ଦୂଷିତ ପାଣି ଓ ମାଟି ସଂସ୍ପର୍ଶରେ ଆସିବାରୁ ଏହି ସଂକ୍ରମଣ ବ୍ୟାପିବାର ଆଶଙ୍କା ଅଧିକ ରହିଥାଏ । ଲେପ୍‌ଟୋସ୍ପାଇରୋସିସ୍ 'ଲେପ୍‌ଟୋସ୍ପାଇରା' ନାମକ ବ୍ୟାକ୍ଟେରିଆ ଯୋଗୁଁ ହୋଇଥାଏ । ସାଧାରଣତଃ ଘର ବଗିଚା, କ୍ଷେତ କିମ୍ବା ବାହାରେ ଶାରୀରିକ ପରିଶ୍ରମ କରୁଥିବା ଲୋକେ ଏହି ରୋଗର ଅଧିକ ବିପଦରେ ରହିଥାନ୍ତି । ହସ୍ପିଟାଲ୍ ରିପୋର୍ଟ ଓ ଡେଥ୍ ଅଡିଟ୍ ତଥ୍ୟରୁ ୪୦ରୁ ୬୯ ବର୍ଷ ବୟସ୍କ ଲୋକେ ଅଧିକ ପ୍ରଭାବିତ ହୋଇଥିବା ଜଣାପଡ଼ିଛି । ଗତ କିଛି ବର୍ଷରେ ଏହି ରୋଗରେ ମୃତ୍ୟୁସଂଖ୍ୟା ମଧ୍ୟ ବଢ଼ିଛି। ୨୦୧୬ରୁ ୨୦୨୦ ମଧ୍ୟରେ କେରଳରେ ୩୧୯ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୨୧ରୁ ୨୦୨୫ ମଧ୍ୟରେ ମୃତ୍ୟୁହାର ପ୍ରାୟ ୪.୨ ପ୍ରତିଶତରୁ ବଢ଼ି ୬ ପ୍ରତିଶତ ହୋଇଥିବା ତଥ୍ୟରୁ ଜଣାପଡ଼ିଛି । ବର୍ଷା ଋତୁରେ ଦୂଷିତ ପାଣି ଓ ମାଟି ସଂସ୍ପର୍ଶରୁ ସତର୍କ ରହିବା ସହ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନେବା ଉପରେ ଗୁରୁତ୍ୱ ଦିଆଯାଉଛି ।

# ଇରାନ ଯୁଦ୍ଧରେ ଆମେରିକାକୁ ଝଟକା !

**ନୂଆଦିଲ୍ଲୀ,୯ ।୮(ଏଜେନ୍ସି):** ଇରାନ ସହ ଚାଲିଥିବା ଯୁଦ୍ଧକୁ ନେଇ ଆମେରିକାର ଚିନ୍ତା ବଢ଼ିଛି । ପ୍ରାୟ ଛଅ ମାସ ଧରି ଚାଲିଥିବା ଏହି ସଂଘର୍ଷକୁ ଆହୁରି ଆଗକୁ ବଢ଼ାଇବା ପାଇଁ ଆମେରିକାର ସାମରିକ ବିକଳ୍ପ ସୀମିତ ହେଉଥିବା ରିପୋର୍ଟ ସାମ୍ନାକୁ ଆସିଛି । ଏଭଳି ସ୍ଥିତିରେ ଯୁଦ୍ଧରୁ ବାହାରିବା ପାଇଁ ଏକ ବିକଳ୍ପ ରାସ୍ତା ଖୋଜିବା ଉପରେ ଆମେରିକୀୟ ସେନାର ଶୀର୍ଷ ଅଧିକାରୀମାନେ ବିଚାର କରୁଥିବା କୁହାଯାଉଛି ।ଆମେରିକୀୟ ସେନାର ଜଏଣ୍ଟ ଚିଫ୍ସ ଅଫ୍ ଷ୍ଟାଫ୍‌ର ଚେୟାରମ୍ୟାନ୍ ଜେନେରାଲ ଡାନ୍ କାଇନ୍ ଟ୍ରମ୍ପ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ଏନେଇ ଆଲୋଚନା କରିଥିବା ରିପୋର୍ଟ ହୋଇଛି । କେବଳ ବିମାନ ଆକ୍ରମଣ କିମ୍ବା ମିସାଇଲ୍ ଆକ୍ରମଣ ମାଧ୍ୟମରେ ଇରାନକୁ ନିର୍ଣ୍ଣାୟକ ଭାବେ ପରାସ୍ତ କରିବା ସହଜ ନୁହେଁ ବୋଲି ସାମରିକ ମହଲରେ ଚିନ୍ତା ପ୍ରକାଶ ପାଇଛି । ବରଂ ଅଧିକ ଆକ୍ରମଣ ଯୁଦ୍ଧକୁ ଆହୁରି ବଢ଼ାଇପାରେ ।ଇରାନର ଶକ୍ତି ପ୍ରତିଷ୍ଠାନ, ସେତୁ ଓ ଅନ୍ୟାନ୍ୟ ଭିତ୍ତିଭୂମି ଉପରେ ଆକ୍ରମଣ ଭଳି ବିକଳ୍ପ ଆମେରିକା ବିଚାର କରିଥିବା କୁହାଯାଉଛି। କିନ୍ତୁ ଏଭଳି ପଦକ୍ଷେପ ନେଲେ ଇରାନ ପକ୍ଷରୁ ମଧ୍ୟପ୍ରାଚ୍ୟର ଆମେରିକୀୟ ସହଯୋଗୀ ଦେଶଗୁଡ଼ିକର ତୈଳ ଓ ଶକ୍ତି ପ୍ରତିଷ୍ଠାନ ଉପରେ ପ୍ରତିଶୋଧମୂଳକ ଆକ୍ରମଣର ଆଶଙ୍କା ରହିଛି ।ଅନ୍ୟପଟେ ଆମେରିକାର ଅସ୍ତ୍ରଶସ୍ତ୍ର ଭଣ୍ଡାର ଉପରେ ମଧ୍ୟ ଚାପ ବଢ଼ିଥିବା ରିପୋର୍ଟ ରହିଛି । ଦୀର୍ଘ ସମୟ ଯୁଦ୍ଧ ଚାଲିଲେ ଇସ୍ରାଏଲ ଓ ୟୁକ୍‌ରେନକୁ ଅସ୍ତ୍ର ଯୋଗାଣ ମଧ୍ୟ ପ୍ରଭାବିତ ହୋଇପାରେ ବୋଲି ଆମେରିକୀୟ ସାମରିକ ଅଧିକାରୀମାନେ ପୂର୍ବରୁ ଚେତାବନୀ ଦେଇଥିଲେ । ତେଣୁ ଏବେ ଆମେରିକା ସାମରିକ ଆକ୍ରମଣ ବଢ଼ାଇବା ପରିବର୍ତ୍ତେ ଏଭଳି ଏକ ରାସ୍ତା ଖୋଜୁଛି, ଯାହା ଟ୍ରମ୍ପ ପ୍ରଶାସନକୁ ଏକ ପ୍ରତୀକାତ୍ମକ ବିଜୟ ଦେବା ସହ ଆଲୋଚନାର ସୁଯୋଗ ମଧ୍ୟ ଖୋଲା ରଖିପାରିବ । ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ପାଇଁ କୌଣସି ଚୁକ୍ତି ଏହି ପ୍ରକ୍ରିୟାର ଆରମ୍ଭ ହୋଇପାରେ ବୋଲି ଆଲୋଚନା ହେଉଛି ।

# ଆମେରିକାରେ ବନ୍ଧା ପଡିଛି ଭାରତ !

**ନୂଆଦିଲ୍ଲୀ,୯ ।୮(ଏଜେନ୍ସି):** ଭାରତକୁ ନେଇ ଆମେରିକାର ଟାରିଫ୍ ବିଲ୍‌କୁ ନେଇ ତେଜ ହୋଇଛି ରାଜନୀତି । ଆମେରିକା ସିନେଟ୍ ୮୬-୧୧ ଭୋଟରେ ଏକ ରୁଷ ବିରୋଧୀ ସାଙ୍କସନ୍ ବିଲ୍‌କୁ ପାସ୍ କରିଛି । ଏହି ବିଲ୍‌ରେ ରୁଷଠାରୁ ତେଲ ଓ ଗ୍ୟାସ୍ କିଣୁଥିବା ପ୍ରମୁଖ ଦେଶଗୁଡ଼ିକ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଟାରିଫ୍ ଲଗାଇବାର କ୍ଷମତା ଆମେରିକା ରାଷ୍ଟ୍ରପତିଙ୍କୁ ଦେବାକୁ ପ୍ରସ୍ତାବ ରହିଛି । ଭାରତ ଓ ଚୀନ୍ ସମେତ ୫ଟି ଦେଶ ଏହାର ସମ୍ଭାବ୍ୟ ପ୍ରଭାବିତ ଦେଶ ମଧ୍ୟରେ ରହିଛନ୍ତି, ଯାହା ଭାରତ ପାଇଁ ଅଡୁଆ ହୋଇଛି ।ଏହି ପ୍ରସଙ୍ଗକୁ ନେଇ ଏବେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ଆମ୍ ଆଦମୀ ପାର୍ଟି ନେତା ଅରବିନ୍ଦ କେଜ୍ରିୱାଲ । ସୋସିଆଲ୍ ମିଡିଆ ପୋଷ୍ଟ କରି କେଜ୍ରିୱାଲ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିଦେଶ ନୀତି ଉପରେ ପ୍ରଶ୍ନ ଉଠାଇଛନ୍ତି । କେଜ୍ରିୱାଲ୍ ଅଭିଯୋଗ କରିଛନ୍ତି ଯେ, 'ଦେଶକୁ ଆମେରିକାର ହାତରେ ବନ୍ଧା ପକାଇ ଦେବା ପରେ ଟ୍ରମ୍ପଙ୍କ ଗୁଲାମୀ କରିବା ପରେ ଏବଂ ଭାରତର ଅପମାନ କରାଇବା ପରେ ପ୍ରଧାନମନ୍ତ୍ରୀ ମୋଦୀ ଦେଶ ପାଇଁ ଏହା ଆଣିଛନ୍ତି ।' ସେ ଆହୁରି କହିଛନ୍ତି, ଆଜି ଦେଶର ପ୍ରତ୍ୟେକ ଛୋଟବଡ଼ ନିଷ୍ପତ୍ତିରେ ଟ୍ରମ୍ପଙ୍କ ହସ୍ତକ୍ଷେପ ରହିଛି । କେଜ୍ରିୱାଲଙ୍କ ଅଭିଯୋଗ ଅନୁସାରେ, ପ୍ରଧାନମନ୍ତ୍ରୀ ମୋଦୀ ଟ୍ରମ୍ପଙ୍କ ପ୍ରତ୍ୟେକ କଥା ମାନୁଛନ୍ତି, ତାହା ଭୁଲ ହେଉକି ଠିକ୍ ଅନ୍ୟପଟେ ଟ୍ରମ୍ପ ସରକାର ଭାରତ ବିରୋଧରେ ବିଭିନ୍ନ କ୍ଷେତ୍ରରେ ନିଷ୍ପତ୍ତି ନେଉଥିବା ବୋଲି ସେ ଦାବି କରିଛନ୍ତି । ତେବେ ଏହି ବିଲ୍‌ର ଉଦ୍ଦେଶ୍ୟ କେବଳ ଭାରତକୁ ଟାର୍ଗେଟ୍ ? କରିବା ନୁହେଁ । ରୁଷର ତେଲ ଓ ଗ୍ୟାସ୍ ବିକ୍ରିରୁ ଆସୁଥିବା ରାଜସ୍ୱକୁ କମାଇବା ଏବଂ ୟୁକ୍ରେନ ଯୁଦ୍ଧ ପାଇଁ ରୁଷକୁ ମିଳୁଥିବା ଆର୍ଥିକ ସମର୍ଥନ ଉପରେ ଚାପ ସୃଷ୍ଟି କରିବା ଏହି ବିଲ୍‌ର ପ୍ରମୁଖ ଉଦ୍ଦେଶ୍ୟ ।ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସିନେଟ୍‌ରେ ବିଲ୍ ପାସ୍ ହୋଇଥିଲେ ମଧ୍ୟ ଏହା ତୁରନ୍ତ ଭାରତ ଉପରେ ୧୦୦% ଟାରିଫ୍ ଲାଗୁ ହୋଇଗଲା ବୋଲି ଅର୍ଥ ନୁହେଁ । ବିଲ୍‌ଟି ଆଗକୁ ଆମେରିକାର ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସର ପ୍ରକ୍ରିୟା ଦେଇ ଯିବାକୁ ପଡ଼ିବ । ଆଇନ୍ ହେବା ପରେ ମଧ୍ୟ ଟାରିଫ୍ ଲାଗୁ କରିବାର ନିଷ୍ପତ୍ତି ରାଷ୍ଟ୍ରପତିଙ୍କ ହାତରେ ରହିବ । ତେଣୁ ଏହି ବିଲ୍ ଆଗାମୀ ଦିନରେ ଭାରତ-ଆମେରିକା ବାଣିଜ୍ୟିକ ସମ୍ପର୍କ, ରୁଷଠାରୁ ଭାରତର ତେଲ ଆମଦାନୀ ଏବଂ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଉପରେ କେତେ ପ୍ରଭାବ ପକାଇବ, ତାହା ଉପରେ ଏବେ ସମସ୍ତଙ୍କ ନଜର ।



# ମୋହନ ଭାଗବତଙ୍କୁ କାନାଡାରେ ପ୍ରବେଶ ନିଷେଧ କରାଯିବା ଉଚିତ୍

**ନୂଆଦିଲ୍ଲୀ,୯ ।୮(ଏଜେନ୍ସି):**କାନାଡାରେ ଭାରତର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ସୁପାରିଶ କରାଯାଇଛି। ଏହା ବ୍ୟତୀତ, ଆରଏସଏସ ମୁଖ୍ୟ ମୋହନ ଭାଗବତଙ୍କୁ କାନାଡାରେ ପ୍ରବେଶ ନିଷେଧ କରିବାକୁ ମଧ୍ୟ ଦାବି କରାଯାଇଛି। କାନାଡାର ନ୍ୟୁ ଡେମୋକ୍ରାଟସ୍ ଫେଡେରାଲ୍ ସରକାରଙ୍କ ନିକଟରେ ଏଭଳି ଦାବି କରିଛି। ସଂଗଠନର ଏହା ଏକ ପୁରୁଣା ଦାବି। ଯାହାକୁ ସଂଗଠନ ଦୋହରାଇଛି। ତେବେ ଏହାକୁ ନେଇ ହଙ୍ଗାମା ସୃଷ୍ଟି ହୋଇଛି ।କାନାଡାର ବିରୋଧୀ ଦଳ (ଏନଡିପି)ର ଦୁଇ ମହିଳା ସାଂସଦ ବୈଦେଶିକ ବ୍ୟାପାର ମୁଖପାତ୍ର ହେଦର ମ୍ୟାକଫର୍ସନ ଏବଂ ଏନଡିପି ଇମିଗ୍ରେସନ ତଥା ସାର୍ବଜନୀନ ନିରାପତ୍ତା ବ୍ୟାପାର ମୁଖପାତ୍ର ଜେନି କ୍ୱାନ୍ ଅଗଷ୍ଟ ଶେଷ ଭାଗରେ ମୋହନ ଭାଗବତଙ୍କ ପ୍ରସ୍ତାବିତ କାନାଡା ଗସ୍ତ ପୂର୍ବରୁ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦେଶର ବୈଦେଶିକ ମନ୍ତ୍ରୀ, ସାର୍ବଜନୀନ ସୁରକ୍ଷା ମନ୍ତ୍ରୀ ଏବଂ ଇମିଗ୍ରେସନ ମନ୍ତ୍ରୀଙ୍କୁ ଏକ ଚିଠି ଲେଖିଛନ୍ତି। ଏନଡିପି ବୈଦେଶିକ ବ୍ୟାପାର ମୁଖପାତ୍ର ହେଥର ମ୍ୟାକଫର୍ସନ କହିଛନ୍ତି, ଆରଏସଏସ ଏକ ଉଗ୍ରବାଦୀ ସଂଗଠନ ଯାହା ଭାରତରେ ଧାର୍ମିକ ସଂଖ୍ୟାଲଘୁ ଏବଂ ସୀମାନ୍ତ ଲୋକଙ୍କ ବିରୋଧରେ ଘୃଣା ଏବଂ ହିଂସାକୁ ପ୍ରୋତ୍ସାହିତ କରୁଛି। ଆରଏସଏସ କାନାଡାରେ ସଂଗଠନ ବିରୋଧରେ କହୁଥିବା ଲୋକଙ୍କୁ ଟାର୍ଗେଟ କରିବା ସହ ଭୟଭୀତ କରୁଛି। ଅନେକ ସଂଖ୍ୟାଲଘୁ ସମ୍ପ୍ରଦାୟ ଭୟ କରୁଛନ୍ତି ଯେ କାନାଡାରେ ଆରଏସଏସର ଉପସ୍ଥିତି ସେମାନଙ୍କ ବିରୋଧରେ ଘୃଣା ଏବଂ ହିଂସାକୁ ପ୍ରୋତ୍ସାହିତ କରିପାରେ ତଥା ଦୁର୍ବଳ ଲୋକଙ୍କ ସୁରକ୍ଷାକୁ ବିପଦରେ ପକାଇପାରେ। ସୂଚନାଯୋଗ୍ୟ, ଏନଡିପି ଦଳ ଏକ ଖାଲିସ୍ତାନ ସମର୍ଥକ ସଂଗଠନ ଯାହା ପ୍ରାୟତଃ ଭାରତ ବିରୋଧରେ ବିଷ ଉଗାରିଥାଏ। କାନାଡିଆନ ଫୋରମ ଫର ହ୍ୟୁମାନ୍ ରାଇଟ୍ସ ଆଣ୍ଡ ଡେମୋକ୍ରାସି ଇନ୍ ଇଣ୍ଡିଆର ଏକ ପ୍ରେସ୍ ରିଲିଜ୍ ଅନୁଯାୟୀ, ୪୦ ରୁ ଅଧିକ କାନାଡିଆନ ନାଗରିକ ସମାଜ, ମାନବାଧିକାର, ଶ୍ରମ ଏବଂ ଧାର୍ମିକ ସଂଗଠନ କାନାଡାର ଜନ ସୁରକ୍ଷା ମନ୍ତ୍ରୀ ଗ୍ୟାରି ଆନନ୍ଦସଙ୍ଗରୀଙ୍କୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମୁଖ୍ୟ ମୋହନ ଭାଗବତଙ୍କୁ ପ୍ରବେଶ ବାରଣ କରିବାକୁ ଅନୁରୋଧ କରିଛନ୍ତି। ଭାଗବତଙ୍କ କାନାଡା ଗସ୍ତ ଅଗଷ୍ଟ ୩୧ ରୁ ସେପ୍ଟେମ୍ବର ୧ ମଧ୍ୟରେ ସ୍ଥିର ହୋଇଛି।





# ଓଡ଼ିଶା ସରକାର- ହିନ୍ଦୁସ୍ତାନ କୋକା-କୋଲା ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର



**ଭୁବନେଶ୍ୱର, ୯।୮ (ନି.ପ୍ର):** ରାଜ୍ୟରେ ଶିଳ୍ପ ଓ ଉତ୍ପାଦନ କ୍ଷେତ୍ରରେ ଆଉ ଏକ ବଡ଼ ପୁଂଜିନିବେଶର ଦ୍ୱାର ଖୋଲିଛି। ଖୋର୍ଦ୍ଧାସ୍ଥିତ ଉତ୍ପାଦନ କାରଖାନାର ସମ୍ପ୍ରସାରଣ ପାଇଁ ହିନ୍ଦୁସ୍ତାନ କୋକା-କୋଲା ବେଭରେଜେସ୍ (ଏଚସିସିବି) ସହ ଓଡ଼ିଶା ସରକାର ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛନ୍ତି। ଶୁକ୍ରବାର ଭୁବନେଶ୍ୱରରେ ଆୟୋଜିତ ଓଡ଼ିଶା ଫୁଡ୍ ପ୍ରୋ-୨୦୨୬ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଏହି ଏମ୍‌ଓୟୁ ହସ୍ତାନ୍ତର ହୋଇଛି।

ଏହି ଅବସରରେ ଏଚସିସିବି ପକ୍ଷରୁ ମୁଖ୍ୟ ଆର୍ଥିକ ଅଧିକାରୀ ହର୍ଷ ଭୁଟାନୀ ଏବଂ ମୁଖ୍ୟ ପବ୍ଲିକ୍ ଆଫେୟାର୍ସ, କମ୍ୟୁନିକେସନ୍ସ ଓ ସସଟେନେବିଲିଟି ଅଧିକାରୀ ହିମାଂଶୁ ପ୍ରିୟଦର୍ଶୀ ଉପସ୍ଥିତ ଥିଲେ। ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ସମ୍ପଦ ଚନ୍ଦ୍ର ସ୍ୱାଇଁ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ଇଡକୋର ପରିଚାଳନା ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡି ଏବଂ ଶିଳ୍ପ ନିର୍ଦ୍ଦେଶିକା ତଥା ଇପିକଲର ପରିଚାଳନା ନିର୍ଦ୍ଦେଶିକା (ଅତିରିକ୍ତ ଦାୟିତ୍ୱ) ଅବୋଲି ସୁନୀଲ ନାରଭାଣେ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଖୋର୍ଦ୍ଧାରେ ଏଚସିସିବିର ଉତ୍ପାଦନ କାରଖାନାର ପ୍ରସ୍ତାବିତ ସମ୍ପ୍ରସାରଣ ରାଜ୍ୟର ଖାଦ୍ୟ ପ୍ରକ୍ରିୟାକରଣ ଓ ପାନୀୟ ଶିଳ୍ପକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଏହା ରାଜ୍ୟରେ ବୃହତ୍ ଉତ୍ପାଦନ ଭିତ୍ତିକ ପୁଞ୍ଜିନିବେଶକୁ ଆକର୍ଷିତ କରିବା ସହ ଶିଳ୍ପ ବିକାଶ ଓ ଦୀର୍ଘମିଆଦୀ ଆର୍ଥିକ ଅଭିବୃଦ୍ଧିକୁ ଗତି ଦେବ ବୋଲି ସରକାର ଆଶା ପ୍ରକାଶ କରିଛନ୍ତି। ଓଡ଼ିଶାରେ ଏଚସିସିବିର ଦୀର୍ଘଦିନର ଉପସ୍ଥିତି ରହିଛି। ଖୋର୍ଦ୍ଧାସ୍ଥିତ ଏହାର ଉତ୍ପାଦନ ୟୁନିଟ୍ ମାଧ୍ୟମରେ କମ୍ପାନୀ ରାଜ୍ୟରେ ନିଜର ବ୍ୟବସାୟିକ ଓ ଉତ୍ପାଦନ ଭିତ୍ତିକ ପଦଚିହ୍ନକୁ ସୁଦୃଢ଼ କରିଆସୁଛି। ପ୍ରସ୍ତାବିତ ସମ୍ପ୍ରସାରଣ ଦ୍ୱାରା ରାଜ୍ୟରେ କମ୍ପାନୀର ଉତ୍ପାଦନ କ୍ଷମତା ଓ ଉପସ୍ଥିତି ଆହୁରି ବଢ଼ିବା ସହ ବଢୁଥିବା ଉପଭୋକ୍ତା ଚାହିଦା ପୂରଣରେ ଏହା ସହାୟକ ହେବ। ରାଜ୍ୟରେ ଅଧିକ ଶିଳ୍ପ ଓ ବୃହତ୍ ପୁଂଜିନିବେଶ ଆକର୍ଷଣ କରି ଓଡ଼ିଶାକୁ ଦେଶର ଏକ ଅଗ୍ରଣୀ ଉତ୍ପାଦନ ଓ ଶିଳ୍ପ ନିବେଶ ଗନ୍ତବ୍ୟସ୍ଥଳୀରେ ପରିଣତ କରିବା ଦିଗରେ ଏହି ଏମ୍‌ଓୟୁକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି।

# ଆମାଜନ ଇଣ୍ଡିଆ - ଓଡିଶା ସରକାରଙ୍କ ମଧ୍ୟରେ ଏମଓୟୁ



**ଭୁବନେଶ୍ୱର, ୯।୮ (ନି.ପ୍ର) :** ଜାତୀୟ ହସ୍ତଶିଳ୍ପ ଦିବସର ପାଳନକରି ଆମାଜନ ଇଣ୍ଡିଆ ଓଡିଶାର ୧.୩୦ ଲକ୍ଷରୁ ଅଧିକ ବୁଣାକାର ଓ କାରିଗରଙ୍କ ପାଇଁ ଇକମର୍ସର ଲାଭ ଆଣିବା ପାଇଁ ଓଡିଶା ସରକାରଙ୍କ ବୟନଶିଳ୍ପ ନିର୍ଦ୍ଦେଶାଳୟ ସହ ଏକ ଏମଓୟୁ ସ୍ୱାକ୍ଷର କରିଛି। ଏହି ଏମ୍‌ଓୟୁ ଓଡିଶାର ମାନ୍ୟବର ରାଜ୍ୟପାଳ ଡଃ ହରିବାବୁ କମ୍ଭମପତି, ଓଡିଶାର ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ, ଓଡିଶା ସରକାରଙ୍କ ବୟନଶିଳ୍ପ ନିର୍ଦ୍ଦେଶାଳୟ ଓ ହସ୍ତତନ୍ତ ବିଭାଗର ନିର୍ଦ୍ଦେଶକ ଶ୍ରୀ ସୂର୍ଯ୍ୟ ପଟ୍ଟନାୟକ ଏବଂ ଓଡିଶାର ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର କମିଶନର ଓ ସଚିବ, ଆଇଏଏସ ଶ୍ରୀମତି ଗୁହା ପୁନମ ତାପସ କୁମାରଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଥିଲା। ଏହି ସହଭାଗିତାର ଅଂଶ ଭାବେ ବୟନଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ସୁପାରିଶ କରାଯାଇଥିବା ଯୋଗ୍ୟ ବୁଣାକାର ଓ କାରିଗରମାନଙ୍କୁ ଆମାଜନ କାରିଗର ଅଧିନରେ ନିଯୁକ୍ତ କରାଯିବ, ଆମାଜନ କାରିଗର ହେଉଛି କାରିଗର ଓ ବୁଣାକାରମାନଙ୍କୁ ଅନ୍‌ଲାଇନରେ ବିକ୍ରି କରିବା ପାଇଁ ସାହାଯ୍ୟ କରି ସେମାନଙ୍କୁ ସଶକ୍ତ କରିବା ପାଇଁ ଉତ୍ସର୍ଗୀକୃତ ଆମାଜନ ଇଣ୍ଡିଆର ଏକ କାର୍ଯ୍ୟକ୍ରମ। ଏହା ମାଧ୍ୟମରେ ସେଲରମାନେ ସମ୍ବଲପୁରୀ ବାନ୍ଧ, ଓଡିଶା ଇକ୍କତ, ଖଣ୍ଡୁଆ, ହସପୁରୀ ଓ ଧଳାପଥର ଫ୍ୟାବ୍ରିକ୍ସ ଭଳି ରାଜ୍ୟର ୯ଟି ଜିଆଇ-ଟ୍ୟାଗ୍‌ଡ ହସ୍ତଶିଳ୍ପ ଉତ୍ପାଦ ସମେତ ଓଡିଶାର ପ୍ରମାଣିତ ହସ୍ତଶିଳ୍ପ ଉତ୍ପାଦଗୁଡିକୁ ଦେଶବ୍ୟାପୀ ଗ୍ରାହକଙ୍କ ନିକଟରେ ପ୍ରଦର୍ଶିତ କରିବା ପାଇଁ ସକ୍ଷମ ହେବ। ଆମାଜନ ପକ୍ଷରୁ ସେଲରଙ୍କୁ ଆମାଜନ ଡଟ୍ ଇନରେ ନିଜର ବ୍ୟବସାୟ ନିର୍ମାଣ ଓ ବୃଦ୍ଧି କରିବାରେ ସାହାଯ୍ୟ କରିବା ପାଇଁ ସେଲରଙ୍କୁ ସେଲର ଅନ୍‌ବୋର୍ଡିଂ ସହଯୋଗ, ପ୍ରଶିକ୍ଷଣ, ପ୍ରାରମ୍ଭିକ ଆକାଉଂଟ ପରିଚାଳନା, ଇମେଜିଂ ଓ କାଟାଲଗିଙ୍ଗ ସହାୟତା ଏବଂ ମାର୍କେଟିଂ ସହଯୋଗ ଭଳି ଏକାଧିକ ଲାଭ ଓ ସହଯୋଗ ପ୍ରଦାନ କରାଯିବ। ଏହି ଅବସରରେ ଓଡିଶାର ମାନ୍ୟବର ରାଜ୍ୟପାଳ, ଡଃ ହରିବାବୁ କମ୍ଭମପତି କହିଛନ୍ତି, 'ଓଡିଶାର ହସ୍ତଶିଳ୍ପ ପରମ୍ପରା ରାଜ୍ୟର ସାଂସ୍କୃତିକ ପରିଚୟର ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟେ ଏବଂ ଏହା ହଜାର ହଜାର କାରିଗର ଓ ବୁଣାକାର ପରିବାରକୁ ଜୀବିକା ପ୍ରଦାନ କରୁଛି। ଆମାଜନ କାରିଗର ସହିତ ଏହି ସହଭାଗିତା ମାଧ୍ୟମରେ ଆମେ ଆମର ହସ୍ତଶିଳ୍ପ ଅନୁଷ୍ଠାନଗୁଡିକ ପାଇଁ ଇକମର୍ସର ଉପଯୋଗ କରିବା ଲାଗି ନୂତନ ସୁଯୋଗ ସୃଷ୍ଟି କରିବା ସହିତ ଓଡିଶାର ହସ୍ତଶିଳ୍ପ ଉତ୍ପାଦଗୁଡିକର ପ୍ରାମାଣିକତା ଓ ଐତିହ୍ୟକୁ ସଂରକ୍ଷିତ ରଖୁଛୁ। ଆମେ ବିଶ୍ୱାସ କରୁଛୁ ଯେ, ଏହି ସହଭାଗିତା ଆମର ବୁଣାକାରଙ୍କ ପାଇଁ ବଜାର ପହଂଚ ବିସ୍ତାର କରିବାରେ ସାହାଯ୍ୟ କରିବ ଏବଂ ଭାରତର ଅଧିକରୁ ଅଧିକ ଗ୍ରାହକଙ୍କୁ କାରିଗରିକୁ ଅନ୍ୱେଷଣ କରିବା ପାଇଁ ସକ୍ଷମ କରିବ, ଯାହା ପାଇଁ ଓଡିଶା ସୁପରିଚିତ ଅଟେ।' ସେହିପରି ଆମାଜନ ଇଣ୍ଡିଆର ସେଲ୍‌ସ, ସେଲର ସକ୍‌ସେସ ଓ ମାର୍କେଟିଂ ବିଭାଗର ନିର୍ଦ୍ଦେଶକ ଅରୁଣା ଦର୍ୟାନାନି କହିଛନ୍ତି, 'ଭାରତର କାରିଗର ଓ ବୁଣାକାରମାନେ କାରିଗରୀର ଏକ ସମୃଦ୍ଧ ବିରାସତର ପ୍ରତିନିଧିତ୍ୱ କରୁଛନ୍ତି ଏବଂ ଆମେ ଦେଶବ୍ୟାପୀ ଗ୍ରାହକଙ୍କ ପହଂଚ ହାସଲ କରିବା ପାଇଁ ସେମାନଙ୍କ ସାହାଯ୍ୟ କରିବା ଲାଗି ପ୍ରତିବଦ୍ଧ ରହିଛୁ। ଆମାଜନ କାରିଗର ମାଧ୍ୟମରେ ଆମେ ପାରମ୍ପରିକ ହସ୍ତକଳାକୁ ସଂରକ୍ଷିତ ରଖିବା ପାଇଁ ସରକାରୀ ସଂସ୍ଥା ଓ କାରିଗର ସମୁଦାୟଗୁଡିକ ସହ ମିଶି କାର୍ଯ୍ୟ କରୁଥିବା ଭାରତର ଲକ୍ଷ ଲକ୍ଷ କାରିଗର ଓ ବୁଣାକାରଙ୍କୁ ସଶକ୍ତ କରୁଛୁ ଏବଂ ଇକମର୍ସ ମାଧ୍ୟମରେ ସ୍ଥାୟୀ ଜୀବିକାକୁ ସକ୍ଷମ କରୁଛୁ। ଓଡିଶା ସରକାରଙ୍କ ବୟନଶିଳ୍ପ ନିର୍ଦ୍ଦେଶାଳୟ ସହ ଆମର ସହଭାଗିତା ସେହି ପ୍ରତିବଦ୍ଧତା ଉପରେ ନିର୍ମିତ ଏବଂ ଏହା ଆମାଜନ ଡଟ୍ ଇନ ମାଧ୍ୟମରେ ଭାରତର ଗ୍ରାହକଙ୍କ ପାଇଁ ପ୍ରାମାଣିକ ଓଡିଶା ହସ୍ତଶିଳ୍ପ ଉତ୍ପାଦ ଆଣିବାରେ ସାହାଯ୍ୟ କରିବ।' ଏହି ସହଭାଗିତା, କାରିଗର, ବୁଣାକାର ଓ ସ୍ଥାନୀୟ ବ୍ୟବସାୟଗୁଡିକୁ ଇକମର୍ସ ମାଧ୍ୟମରେ ସଶକ୍ତ କରିବା ପାଇଁ ଆମାଜନ ଇଣ୍ଡିଆର ନିରନ୍ତର ପ୍ରୟାସ ଉପରେ ଆଧାରିତ।

# ମିନାକ୍ଷୀ କୋଇଲା ଖଣି ପକ୍ଷରୁ ରକ୍ତଦାନ ଶିବିର

**ଭୁବନେଶ୍ୱର, ୯।୮ (ନି.ପ୍ର) :** ମିନାକ୍ଷୀ କୋଇଲା ଖଣି, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ ୟୁନିଟ୍ ତରଫରୁ ସୁନ୍ଦରଗଡ ଜିଲ୍ଲା ହେମଗିର ସିଏଚ୍‌ସିଠାରେ ଓଡ଼ିଶା ବ୍ଲଡ୍ ସେଣ୍ଟର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଏନ୍‌ଏଚ୍‌ଏମ୍ ହେମଗିରର ସହଯୋଗରେ ମୀନାକ୍ଷୀ କୋଇଲା ଖଣି ଏହାର ସିଏସ୍‌ଆର୍ ବିଭାଗ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରାଯାଇଥିଲା। ଉଦ୍ଘାଟନୀ ଅଧିବେଶନରେ ହେମଗିର ସିଏଚ୍‌ସିର ଭାରପ୍ରାପ୍ତ ଚିକିତ୍ସାଧିକାରୀ, ସିଡିପିଓ, ଆଇସିଡିଏସ୍, ସୁପରଭାଇଜରମାନଙ୍କ ସମେତ ଓଡ଼ିଶା ରକ୍ତ କେନ୍ଦ୍ରର ପ୍ରତିନିଧିମାନେ ଏବଂ ମୀନାକ୍ଷୀ କୋଇଲା ଖଣିର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ମୀନାକ୍ଷୀ କୋଇଲା ଖଣିର ସିଏସ୍‌ଆର୍ ମୁଖ୍ୟ ଶ୍ରୀମତୀ ନିହାରିକା ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଉକ୍ତ ରକ୍ତଦାନ ଶିବିରରେ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କ ମଧ୍ୟରେ ଉତ୍ସାହଜନକ ଭାବେ ରକ୍ତ ଦାନ ପାଇଁ ଅଂଶଗ୍ରହଣ କରିଥିଲେ। ଏହି ଶିବିରରୁ ମୋଟ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।



ଆବଶ୍ୟକତା ଥିବା ରୋଗୀମାନଙ୍କ ପାଇଁ ସୁରକ୍ଷିତ ରକ୍ତର ଉପଲବ୍ଧତାକୁ ସୁଦୃଢ଼ କରିବା ସହ ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ଥିବା ବେଳେ ଏହି ରକ୍ତଦାନ ଶିବିରର ସଫଳ ଆୟୋଜନ ସ୍ଥାନୀୟ ସମୁଦାୟର ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ସ୍ୱେଚ୍ଛାକୃତ ରକ୍ତଦାନ ମାଧ୍ୟମରେ ଜୀବନ ରକ୍ଷା ପ୍ରତି ସମସ୍ତ ଅଂଶୀଦାରଙ୍କ ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି।

# ସିପରକେଟ୍ ଲିମିଟେଡର ଇନିସିଆଲ ପବ୍ଲିକ୍ ଅଫର

**ଭୁବନେଶ୍ୱର, ୯।୮ (ନି.ପ୍ର) :** ସିପରକେଟ୍ ଲିମିଟେଡ୍ର ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ୨୦୨୬ ଅଗଷ୍ଟ ୧୨ ବୁଧବାର ଦିନ ଖୋଲିବ। ଆଙ୍କର ନିବେଶକମାନେ ଏହାର ଗୋଟିଏ କାର୍ଯ୍ୟ ଦିବସ ପୂର୍ବରୁ ୨୦୨୬ ଅଗଷ୍ଟ ୧୧, ମଙ୍ଗଳବାର ବିଡ୍ ଦାଖଲ କରିପାରିବେ ଏବଂ ବିଡ୍ ଦାଖଲର ଶେଷ ତାରିଖ ହେଉଛି ୨୦୨୬ ଅଗଷ୍ଟ ୧୪, ଶୁକ୍ରବାର। ଏହି ଇସ୍ୟୁରେ କମ୍ପାନିର ଇକ୍ୱିଟି ସେୟାର ପିଛା ଦାମ୍ ୯୨ ଟଙ୍କାରୁ ୯୭ ଟଙ୍କା ମଧ୍ୟରେ ଧାର୍ଯ୍ୟ କରାଯାଇଛି। ନିବେଶକମାନେ ସର୍ବନିମ୍ନ ୧୫୪ଟି ଇକ୍ୱିଟି ସେୟାରର ବିଡ୍ ଦାଖଲ କରିପାରିବେ ଓ ସେଥିରେ ୧୫୪ଟି ଲେଖାଏଁ ଇକ୍ୱିଟି ସେୟାର ଯୋଡ଼ିପାରିବେ। ଏହି ଅଫରରେ ୧୬୧୭.୪୮ କୋଟି ଟଙ୍କା ସଂଗ୍ରହ କରାଯିବ। ୮୮୫.୫୦ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରାଯିବ ଏବଂ ଅଫର୍ ଫର୍ ସେଲ୍ରେ ନିବେଶକମାନେ ୧୬୧୭.୪୮ କୋଟି ଟଙ୍କାର ଇକ୍ୱିଟି ସେୟାର ବିକ୍ରି କରିବେ। ଏହି ଅଫରରେ ସଂଗୃହୀତ ହେବାକୁ ଥିବା ପାଉଂରିକୁ ସିପରକେଟର ଅଭିବୃଦ୍ଧି ପାଇଁ ନିବେଶ କରାଯିବ। ଏହାର ଉଦୀୟମାନ ବ୍ୟବସାୟ ଓ ମୂଳ ବ୍ୟବସାୟ ପାଇଁ ମାର୍କେଟିଂ ଅଭିଯାନ, ପ୍ରଯୁକ୍ତି ଭିତିଭୂମି ଓ ଦକ୍ଷତା ଗଠନରେ ନିବେଶ କରିବା, କମ୍ପାନି ହାସଲ କରିଥିବା କିଛି ଋଣକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ପରିଶୋଧ କରିବା, ଅଧିଗ୍ରହଣରେ ବିନିଯୋଗ କରିବା ଏବଂ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ କାର୍ଯ୍ୟରେ ବ୍ୟବହାର କରିବାକୁ କମ୍ପାନି ପ୍ରସ୍ତାବ ରଖିଛି। କମ୍ପାନିର ସେୟାରକୁ ବିଏସଇ ଲିମିଟେଡ ଓ ନ୍ୟାସନାଲ ଷ୍ଟକ ଏକ୍ସଚେଂଜ ଅଫ ଇଣ୍ଡିଆ (ଏନଏସଇ)ରେ ତାଲିକାଭୁକ୍ତ କରାଯିବ। ଏନଏସଇ ହେବ ଡେଜିଗନେଟେଡ ଷ୍ଟକ ଏକ୍ସଚେଂଜ। ଏହି ଅଫରର ବୁକ ରନିଂ ଲିଡ୍ ମ୍ୟାନେଜରମାନେ ହେଉଛନ୍ତି ଆକ୍ସିସ କ୍ୟାପିଟାଲ ଲିମିଟେଡ, ବିଓଏଫଏ ସିକ୍ୟୁରିଟିଜ ଇଣ୍ଡିଆ ଲିମିଟେଡ, ଜେଏମ ଫାଇନାନ୍ସିଆଲ ଲିମିଟେଡ ଓ କୋଟକ ମହିନ୍ଦ୍ରା କ୍ୟାପିଟାଲ କମ୍ପାନି ଲିମିଟେଡ। ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ର ନିୟମ ଅନୁସାରେ ଏହି ଅଫରର ୫୦ ପ୍ରତିଶତ ପର୍ଯ୍ୟନ୍ତ ଇକ୍ୱିଟି ସେୟାରକୁ ସମାନୁପାତିକ ଭିତିରେ ଯୋଗ୍ୟ ସଂସ୍ଥାଗତ କ୍ରେତା (କ୍ୟୁଆଇବି)ଙ୍କୁ ପ୍ରଦାନ କରାଯିବ। ବୁକ ରନିଂ ଲିଡ ମ୍ୟାନେଜରମାନଙ୍କ ସହ ଆଲୋଚନା କରି କ୍ୟୁଆଇବିଙ୍କ ଭାଗର ୬୦ ପ୍ରତିଶତ ଇକ୍ୱିଟି ସେୟାର ଆଙ୍କର ନିବେଶକମାନଙ୍କୁ ଆବଂଟନ କରାଯାଇପାରିବ।




# ଆମାଜନର ଗ୍ରେଟ୍ ଫ୍ରିଡମ ସେଲ୍ ଆରମ୍ଭ

**ଭୁବନେଶ୍ୱର, ୯।୮ (ନି.ପ୍ର) :** ଆମାଜନ ଡଟ୍ ଇନ୍ ଆଜିଠାରୁ ଅର୍ଥାତ୍ ୭ ଅଗଷ୍ଟ ୨୦୨୬ରୁ ଆରମ୍ଭ ହୋଇଥିବା ଆମାଜନ୍ ଗ୍ରେଟ୍ ଫ୍ରିଡମ୍ ସେଲ୍ ୨୦୨୬ ସହିତ ଗ୍ରାହକମାନଙ୍କୁ ଆକର୍ଷଣୀୟ ଡିଲ୍, ନୂଆ ଲଂଚ୍ ଓ ସଂଚୟ ପ୍ରଦାନ କରିବା ପାଇଁ ପ୍ରସ୍ତୁତ ହୋଇଛି। ଏହି ସପିଂ ଇଭେଂଟ ଆକର୍ଷଣୀୟ ଡିଲ୍, ବ୍ୟାଙ୍କ ରିହାତି ଏବଂ ଏଆଇ-ଚାଳିତ ସପିଂ ଅଭିଜ୍ଞତା ପ୍ରଦାନ କରୁଛିର ଯାହା ଟ୍ରେଣ୍ଡିଂ ମେଡ୍-ଇନ୍-ଇଣ୍ଡିଆ ଉତ୍ପାଦ, ପାରମ୍ପରିକ ହସ୍ତଶିଳ୍ପ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଏବଂ ନୂତନ ଉଦ୍ଭାବନକୁ ଏକତ୍ରିତ କରିଥାଏ। ଗ୍ରାହକମାନେ ଏହି ସମୟରେ ସୋନି, ସାମସଙ୍ଗ, ଏଲ୍‌ଜି, ପୁମା, ଡେଟଲ୍, ଆମେରିକାନ ଟୁରିଷ୍ଟର, ହିମାଳୟା ଭଳି ପ୍ରମୁଖ ବ୍ରାଣ୍ଡର ସ୍ମାର୍ଟଫୋନ୍, ଫ୍ୟାଶନ୍, ବିୟୁଟି, ହୋମ୍, କିଚେନ, ଇଲେକ୍ଟ୍ରୋନିକ୍ସ, ବଡ଼ ଆପ୍ଲାଏନ୍ସ, କିରନା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ବର୍ଗରେ ଉତ୍ପାଦଗୁଡ଼ିକୁ ଆବିଷ୍କାର କରିପାରିବେ। ଏହାସହିତ, ଆମାଜନ ପକ୍ଷରୁ ଆମାଜନ୍ ନାଓ ମାଧ୍ୟମରେ ମାତ୍ର କିଛି ମିନିଟ୍‌ରେ ଅନେକ ସହରରେ ଗ୍ରାହକଙ୍କ ନିକଟରେ ସାମଗ୍ରୀ ପହଂଚାଯାଉଛି। ଗ୍ରାହକମାନେ ଟପ୍ ୧୦୦ ଡିଲ୍, ବ୍ଲକବଷ୍ଟର୍ ଡିଲ୍, ଟ୍ରେଣ୍ଡିଂ ଡିଲ୍, ୮ ପିଏମ୍ ଡିଲ୍ ଆଦି ମାଧ୍ୟମରେ ସଂଚୟ ଅନଲକ୍ କରିପାରିବେ। ଗ୍ରାହକମାନେ ଏଚଡିଏଫସି ବ୍ୟାଙ୍କ କ୍ରେଡିଟ୍ କାର୍ଡ ଏବଂ ଇଜି ଇଏମଆଇ ଟ୍ରାନ୍ସକ୍ସନରେ ୧୦% ତତ୍କାଳ ରିହାତି ଏବଂ ୨୦୦୦ ଟଙ୍କା ପର୍ଯ୍ୟ' କ୍ୟାସବ୍ୟାକ୍ ସହିତ ନିର୍ଦ୍ଦିଷ୍ଟ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡରେ ନୋ-କଷ୍ଟ ଇଏମଆଇ, ଏକ୍ସଚେ ଅଫର୍ ଏବଂ ଆମାଜନ୍ ପେ ରିୱାର୍ଡ ପାଇପାରିବେ।

# ଓଡ଼ିଶାରେ ୧.୬ କୋଟି ମହିଳା ଓ ଶିଶୁଙ୍କୁ କୃମିନାଶକ ଔଷଧ ପ୍ରଦାନ କରାଯିବ




**ଭୁବନେଶ୍ୱର, ୯।୮ (ନି.ପ୍ର) :** ଶିଶୁ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା, ରକ୍ତହୀନତା (ଆନିମିଆ)ମୁକାବିଲା କରିବା ଏବଂ ପରଜୀବୀ କୃମି ସଂକ୍ରମଣ ବିରୋଧରେ ଲଢ଼ିବା ପାଇଁ, ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ, ୟୁନିସେଫ୍ ସହଯୋଗରେ, ଅଗଷ୍ଟ ୧୦, ୨୦୨୬ରେ ସାରା ଓଡ଼ିଶାରେ ଜାତୀୟ କୃମିନାଶକ ଦିବସ (National Deworming Day - NDD)କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛି। ୧୦ ଅଗଷ୍ଟରେ ଯେଉଁମାନେ ଡୋଜ୍ ନେଇପାରିବେ ନାହିଁ। ସେମାନଙ୍କ ପାଇଁ ୧୭ ଅଗଷ୍ଟରେ ମପ୍-ଅପ୍ ରାଉଣ୍ଡ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ୧ରୁ ୧୯ ବର୍ଷ ବୟସର ୧.୬୧ କୋଟିରୁ ଅଧିକ ଶିଶୁଏବଂ୨୦ରୁ ୨୪ ବର୍ଷ ବୟସର ପ୍ରଜନନକ୍ଷମ ମହିଳାଙ୍କ ମଧ୍ୟରୁ ୧୯ ଲକ୍ଷରୁ ଅଧିକ ମହିଳାଙ୍କୁ ଆଲବେଣ୍ଡାଜୋଲ୍ (Albendazole) ଔଷଧ ପ୍ରଦାନ କରାଯିବ। ଏଥିରେ ଘଉଉ ଜିଲ୍ଲାଗୁଡ଼ିକରେ ୧ରୁ ୫ ବର୍ଷ ବୟସର ୩୨ଲକ୍ଷ ୯୪ ହଜାର ୬୩୦ ଜଣ ଶିଶୁଏବଂ୬ରୁ ୧୯ ବର୍ଷ ବୟସର ୧ କୋଟି ୨୮ ଲକ୍ଷ ୮୯ ହଜାର ୭୧ ଜଣ ଶିଶୁସାମିଲ ଅଛନ୍ତି। ସେହିପରି, ଦ୍ୱିବାର୍ଷିକଭିଟାମିନ୍-ଏ ସପ୍ଲିମେଣ୍ଟେସନ୍ (Vitamin A Supplementation - VAS) କାର୍ଯ୍ୟକ୍ରମ ଅଧୀନରେ ଅଗଷ୍ଟ ମାସ ମଧ୍ୟରେ୯ରୁ ୬୦ ମାସ ବୟସର ପ୍ରାୟ ୩୨ ଲକ୍ଷ ଶିଶୁଙ୍କୁଭିଟାମିନ୍-ଏ ଦିଆଯିବ। ଏହା ଶିଶୁମାନଙ୍କ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରିବା ସହ ଶିଶୁ ମୃତ୍ୟୁହାର ଓ ଅସୁସ୍ଥତାକୁ ହ୍ରାସ କରିବାରେ ସହାୟକ ହେବ। ଶିଶୁ ସ୍ୱାସ୍ଥ୍ୟ ଅତିରିକ୍ତ ନିର୍ଦ୍ଦେଶକ ଡା. ଆଦିତ୍ୟ ମହାପାତ୍ରକହିଛନ୍ତି, "ଜାତୀୟ କୃମିନାଶକ ଦିବସ ଏକ ଗୁରୁତ୍ୱପୂର୍ଣ୍ଣ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ଯାହା ଶିଶୁମାନଙ୍କୁ ଅନ୍ତନଳୀରେ ହେଉଥିବା କୃମି ସଂକ୍ରମଣରୁ ସୁରକ୍ଷା ଦେଇଥାଏ, ଫଳରେ ସେମାନେ ସୁସ୍ଥ ଭାବେ ବଢ଼ି ନିଜର ଶରୀରର ବିକାଶ କରିପାରନ୍ତି।

# କାପ୍ରି ଲୋନ୍ସ ପକ୍ଷରୁ ନୟନତାରାଙ୍କୁ ନେଇ ସମନ୍ୱିତ ବ୍ରାଣ୍ଡ୍ ଅଭିଯାନର ଶୁଭାରମ୍ଭ

**ଭୁବନେଶ୍ୱର, ୯।୮ (ନି.ପ୍ର) :** କାପ୍ରି ଲୋନ୍ସ ବ୍ରାଣ୍ଡ୍ ନାମ ଅଧୀନରେ ପରିଚାଳିତ ହେଉଥିବା ଅନ୍ୟତମ ଅଗ୍ରଣୀ ବହୁବିଧ ଅଣ ବ୍ୟାଙ୍କିଂ ଆର୍ଥିକ କମ୍ପାନି କାପ୍ରି ଗ୍ଲୋବାଲ କ୍ୟାପିଟାଲ ଲିମିଟେଡ (ସିଜିସିଏଲ) ପକ୍ଷରୁ ବିଶିଷ୍ଟ ଅଭିନେତ୍ରୀ ନୟନତାରାଙ୍କୁ ନେଇ ଏହାର ସଦ୍ୟତମ ସମନ୍ୱିତ ବ୍ରାଣ୍ଡ ଅଭିଯାନକୁ ଉନ୍ମୋଚନ କରାଯାଇଛି। 'ସୁନା ଋଣ ପାଇଁ କାପ୍ରି ଗୋଲ୍ଡ ଲୋନ୍ ପାଇଁ ପୟାସ କରନ୍ତୁ' ନାମକ ଏହି ବ୍ରାଣ୍ଡ ଅଭିଯାନକୁ 'ଡ୍ରିମସ୍ ଗେଟ୍ ୱିଙ୍ଗସ୍' ବିଷୟ ଉପରେ ପ୍ରସ୍ତୁତ କରାଯାଇଛି। ଏହି ଅଭିଯାନ ସହଜଲଭ୍ୟ, ସ୍ୱଚ୍ଛତା ଓ ଗ୍ରାହକ କୈନ୍ଦ୍ରୀକ ଆର୍ଥିକ ସମାଧାନ ପାଇଁ କାପ୍ରି ଲୋନ୍ସର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି। ନୟନତାରାଙ୍କ ଯାତ୍ରା ଏବଂ ଚାଷୀଙ୍କଠାରୁ ଆରମ୍ଭ କରି ଉଦ୍ୟୋଗୀ, କାରିଗର ଓ କର୍ମଜୀବୀ ଆଦିକୁ ସେ କାପ୍ରି ଲୋନ୍ସ ବିଷୟରେ ଜଣାଇବା ବେଳେ ସେମାନଙ୍କଠାରୁ ହାସଲ କରିଥିବା ପ୍ରେରଣାକୁ ଏହି ବ୍ରାଣ୍ଡ ଫିଲ୍ମ ପାଳନ କରୁଛି। ଏହା କାପ୍ରି ଲୋନ୍ସକୁ ଏକ ବିଶ୍ୱାସନୀୟ ଆର୍ଥିକ ସହଯୋଗୀ ଭାବେ ଉପସ୍ଥାପନ କରିଛି ଯାହା ଗ୍ରାହକମାନଙ୍କୁ ସେମାନଙ୍କ ଯାତ୍ରାର ପ୍ରତିଟି ସ୍ତରରେ ସମୟୋପଯୋଗୀ ଆର୍ଥିକ ସହାୟତା ପ୍ରଦାନ କରି ସେମାନଙ୍କୁ ସଶକ୍ତ କରୁଛି।




ଏହି ଗୋଲ୍ଡ ଲୋନ୍ ଫିଲ୍ମ ଗ୍ରାହକମାନଙ୍କୁ ସୁନାକୁ କେବଳ ଗହଣା ଭାବେ ନୁହେଁ, ବରଂ ଏକ ମୂଲ୍ୟବାନ ସଂପତି ଭାବେ ଦେଖିବାକୁ ଉତ୍ସାହିତ କରୁଛି। ଏକ ହୃଦୟସ୍ପର୍ଶୀ ବାର୍ତ୍ତାଳାପ ଜରିଆରେ କାପ୍ରି ଲୋନ୍ସ କିଭଳି ଏକ ସ୍ୱଚ୍ଛ, ସମ୍ମାନଜନକ ଓ ସୁରକ୍ଷିତ ଋଣ ପ୍ରଦାନ ପ୍ରକ୍ରିୟା ମାଧ୍ୟମରେ ସମ୍ମାନ, ଭରସା ଓ ମାନସିକ ଶାଂତି ଜରିଆରେ ଶୀଘ୍ର ପାଣ୍ଠି ପ୍ରଦାନ କରି ଗ୍ରାହକମାନଙ୍କୁ ସୁନାର ମୂଲ୍ୟ ବାହାର କରିବାରେ ସକ୍ଷମ କରୁଛି ତାହା ଉପରେ ନୟନତାରା ଆଲୋକପାତ କରିଛନ୍ତି। ଏହି ଅଭିଯାନ ସମ୍ପର୍କରେ କାପ୍ରି ଗ୍ଲୋବାଲ କ୍ୟାପିଟାଲ୍ ଲିମିଟେଡ୍‌ର ମାର୍କେଟିଂ ମୁଖ୍ୟ ଶ୍ରୀ ନିଶାନ୍ତ ଗେହଲୋଟ୍ କହିଛନ୍ତି ଯେ, 'କାପ୍ରି ଲୋନ୍ସରେ ଆମେ ଆରମ୍ଭ କରୁଥିବା ପ୍ରତିଟି ଅଭିଯାନ ପଛରେ ଏକ ସରଳ ବିଶ୍ୱାସ ରହିଛି। ତାହା ହେଉଛି ସଠିକ୍ ଆର୍ଥିକ ସହାୟତା ମିଳିଲେ ବିଶ୍ୱାସର ସହ ଆଗକୁ ବଢ଼ିବା ପାଇଁ ଲୋକମାନେ ସଶକ୍ତ ହୋଇପାରିବେ। ଆମର ଡ୍ରିମ୍‌ସ ଗେଟ୍ ୱିଙ୍ଗ ଅଭିଯାନ ଜରିଆରେ ଆମେ କୋଟି କୋଟି ଭାରତୀୟଙ୍କ ଅଭିଳାଷ ପାଳନ କରିବାକୁ ଏବଂ ସେହି ସ୍ୱପ୍ନଗୁଡ଼ିକୁ ପୂରଣ କରିବାରେ ସାହାଯ୍ୟ କରିବା ପାଇଁ କାପ୍ରି ଲୋନ୍ସକୁ ଏକ ବିଶ୍ୱସନୀୟ ସହଯୋଗୀ ଭାବେ ଉପସ୍ଥାପନ କରିବାକୁ ଚାହୁଁଛୁ। ଏହି ସୁନା ଋଣ ଫିଲ୍ମ ଏହି ଭାବନା ଉପରେ ପର୍ଯ୍ୟବେସିତ ହୋଇଛି ଯେ ସୁନାକୁ କେବଳ ଗହଣା ଭାବେ ନ ଦେଖି, ଜୀବନର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ସମୟୋପଯୋଗୀ ସହାୟତା ପାଇଁ ଏକ ମୂଲ୍ୟବାନ ଆର୍ଥିକ ସଂପତି ଭାବେ ଦେଖିବାକୁ ଉତ୍ସାହିତ କରୁଛି।

# ଆସାମ ମୁଖ୍ୟମନ୍ତ୍ରୀ ଆସାମ ବନ୍ୟା ରିଲିଫ୍ ନିମନ୍ତେ ବେଦାନ୍ତ ଚେୟାରମ୍ୟାନ୍‌ଙ୍କ ୭ କୋଟି ଟଙ୍କାର ଅବଦାନକୁ ପ୍ରଶଂସା

**ଭୁବନେଶ୍ୱର, ୯।୮ (ନି.ପ୍ର):** ଆସାମରେ ଭୟାବହ ବନ୍ୟାରେ ପ୍ରଭାବିତ ଲୋକଙ୍କ ରିଲିଫ୍ ଓ ପୁନର୍ବାସ କାର୍ଯ୍ୟ ପାଇଁ ବେଦାନ୍ତର ଚେୟାରମ୍ୟାନ୍ ଅନିଲ ଅଗ୍ରୱାଲ ଓ ବେଦାନ୍ତ ଗ୍ରୁପ୍ ପକ୍ଷରୁ ପ୍ରଦାନ କରାଯାଇଥିବା ୭ କୋଟି ଟଙ୍କାର ଆର୍ଥିକ ସହାୟତାକୁ ଆସାମର ମୁଖ୍ୟମନ୍ତ୍ରୀ ଡଃ ହିମନ୍ତ ବିଶ୍ୱଶର୍ମା ପ୍ରଶଂସା କରିଛନ୍ତି।



ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କରିଥିବା ଏକ ପୋଷ୍ଟରେ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଶ୍ରୀ @AnilAgarwal_Ved ଦୀର୍ଘ ଦିନ ଧରି ଆସାମର ବିକାଶ ଯାତ୍ରାର ଜଣେ ଦୃଢ଼ ସମର୍ଥକ ରହିଆସିଛନ୍ତି ଏବଂ ବେଦାନ୍ତ ଗ୍ରୁପ୍ ଆମ ରାଜ୍ୟରେ ଉଲ୍ଲେଖନୀୟ ନିବେଶ କରିଛି। ଏହି ଭୟାବହ ବନ୍ୟା ସମୟରେ ବେଦାନ୍ତ ପୁଣି ଥରେ ଆଗକୁ ଆସି ରିଲିଫ୍ ଓ ପୁନର୍ବାସ କାର୍ଯ୍ୟ ପାଇଁ ୭ କୋଟି ଟଙ୍କାର ସହାୟତା ପ୍ରଦାନ କରିଛି। ଆସାମର ଲୋକଙ୍କ ସହ ଏଭଳି ଦୁଃସମୟରେ ଠିଆ ହୋଇଥିବାରୁ ଆମେ ଶ୍ରୀ ଅନିଲ ଅଗ୍ରୱାଲ ଓ ବେଦାନ୍ତ ଗ୍ରୁପ୍ ପ୍ରତି ଆନ୍ତରିକ କୃତଜ୍ଞ ଏବଂ ସମାଜକୁ ଫେରାଇ ଦେବାରେ ତାଙ୍କର ଦୃଢ଼ ବିଶ୍ୱାସ ଏହି ଉଦାର ପଦକ୍ଷେପ ଏକ ପ୍ରତିଫଳନ।'

ଏହି ୭ କୋଟି ଟଙ୍କାର ଆର୍ଥିକ ସହାୟତାକୁ ତୁରନ୍ତ ରିଲିଫ୍ କାର୍ଯ୍ୟ ଯଥା ଖାଦ୍ୟ, ଆଶ୍ରୟ, ବିଶୁଦ୍ଧ ପାନୀୟ ଜଳ ଓ ଚିକିତ୍ସା ସେବା ଯୋଗାଇବା ସହ ଦୀର୍ଘମିଆଦି ପୁନର୍ବାସ କାର୍ଯ୍ୟରେ ବ୍ୟବହାର କରାଯିବ। ତୈଳ ଓ ଗ୍ୟାସ କ୍ଷେତ୍ରରେ ନିଜର କାର୍ଯ୍ୟକଳାପ ମାଧ୍ୟମରେ ବେଦାନ୍ତ ଗ୍ରୁପ୍ର ଆସାମରେ ଦୀର୍ଘ ଦିନର ଉପସ୍ଥିତି ରହିଛି।

# ରେ ରୋଭର ଏସଭି ଅଲ୍ଟ୍ରା: ଭାରତରେ ରେ ରୋଭରର ସର୍ବୋଚ୍ଚ ବିଳାସପୂର୍ଣ୍ଣ ଅନୁଭୂତିର ନୂଆ ପରିଚୟ

**ମୁମ୍ବାଇ,୭।୮ (ନି.ପ୍ର):** ରେ ରୋଭର ତାହାର ସବୁଠାରୁ ବିଳାସପୂର୍ଣ୍ଣ ଏବଂ ବିଶିଷ୍ଟ ସଂସ୍କରଣ ରେ ରୋଭର ଏସଭି ଅଲ୍ଟ୍ରାକୁ ଭାରତୀୟ ବଜାରରେ ଉନ୍ମୋଚନ କରିଛି। ଅତ୍ୟାଧୁନିକ ଫିନିଶ୍, ବିଶ୍ୱର ପ୍ରଥମ ଅଡିଓ ପ୍ରଯୁକ୍ତି ଏବଂ ଉତ୍କୃଷ୍ଟ କାରିଗରୀର ସମନ୍ୱୟ ସହ ଏହା ରେ ରୋଭରର ସବୁଠାରୁ ବିଳାସପୂର୍ଣ୍ଣ ଓ ପ୍ରଯୁକ୍ତିଗତ ଭାବେ ସର୍ବାଧୁନିକ ମଡେଲ୍ ହୋଇଛି। ଏସଭି ଅଲ୍ଟ୍ରାରେ ଥିବା ଏସିଭି ଇଲେକଟ୍ରୋଷ୍ଟାଟିକ ସାଉଣ୍ଡ ବିଶ୍ୱର ପ୍ରଥମ ଯାନବାହନ-ଭିତିକ ଇଲେକ୍ଟ୍ରୋଷ୍ଟାଟିକ୍ ଅଡିଓ ପ୍ରଯୁକ୍ତି। ଏଥିରେ ୨୧ଟି ଅତି-ହାଲୁକା ଥିନ୍-ଫିଲ୍ମ ଟ୍ରାନ୍ସଡ୍ୟୁସର୍ ବ୍ୟବହୃତ ହୋଇ ପ୍ରତ୍ୟେକ ଆସନକୁ ବ୍ୟକ୍ତିଗତ କନ୍‌ସର୍ଟ ହଲ୍ର ଅନୁଭୂତି ଦେଇଥାଏ। ହେଡ୍‌ରେଷ୍ଟ, ସିଟ୍‌ବ୍ୟାକ୍ ଏବଂ ଛାତରେ ଥିବା ସ୍ପିକର୍ ସହ ଏହାର ସମନ୍ୱୟ ଅତ୍ୟନ୍ତ ସ୍ୱଚ୍ଛ, ସନ୍ତୁଳିତ ଓ ପ୍ରାକୃତିକ ଧ୍ୱନି ପ୍ରଦାନ କରେ। ମାତ୍ର ୧ ମିଲିମିଟର ମୋଟା ଝିଲ୍ଲୀ ବିଶିଷ୍ଟ ଏହି ସ୍ପିକର୍ ପାରମ୍ପରିକ ସ୍ପିକର୍ ତୁଳନାରେ ପ୍ରାୟ ୧,୦୦୦ ଗୁଣ ଶୀଘ୍ର ପ୍ରତିକ୍ରିୟା କରି ସ୍ୱଚ୍ଛ, ସୂକ୍ଷ୍ମ ଓ ବାସ୍ତବଧର୍ମୀ ସଙ୍ଗୀତ ଅନୁଭୂତି ପ୍ରଦାନ କରେ। ଏହି ପ୍ରଯୁକ୍ତି ପାରମ୍ପରିକ ସ୍ପିକର୍ ତୁଳନାରେ ପ୍ରାୟ ୯୦ ପ୍ରତିଶତ କମ୍ ବିଦ୍ୟୁତ୍ ଶକ୍ତି ବ୍ୟବହାର କରିଥାଏ ଏବଂ ଓଜନ ମଧ୍ୟ ୯୦ ପ୍ରତିଶତ କମ୍। ଏହାର ନିର୍ମାଣରେ କୌଣସି ରେୟାର ଆରଥ ଏଲିମେଣ୍ଟ ବ୍ୟବହୃତ ହୋଇନଥିବା ବେଳେ ୧୦୦ ପ୍ରତିଶତ ପୁନଃବ୍ୟବହାରଯୋଗ୍ୟ ସାମଗ୍ରୀ ବ୍ୟବହାର କରାଯାଇଛି। ଏସଭି ଇଲେକଟ୍ରୋଷ୍ଟାଟିକ ସାଉଣ୍ଡ-୨୦ ଡିଗ୍ରୀ ସେଲସିୟସ୍ରୁ ୬୫ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ କଠିନ ପାଣିପାଗରେ ୧,୦୦୦ ଘଂଟାରୁ ଅଧିକ ସମୟ ପରୀକ୍ଷା କରାଯାଇଛି। ଏହି ପ୍ରଯୁକ୍ତି ବଡିଏ ବଂ ସୋଲ ସିଟ ଏବଂ ସେନସୋରି ଫ୍ଲୋର ସହ ସମନ୍ୱୟ ରଖି



ଯାତ୍ରୀଙ୍କୁ କେବଳ ସଙ୍ଗୀତ ଶୁଣିବା ନୁହେଁ, ବରଂ ସମ୍ପୂର୍ଣ୍ଣ ଶରୀରରେ ଅନୁଭବ କରିବାର ସୁଯୋଗ ଦେଇଥାଏ। କାମ୍ ଠାରୁ ଇନଭିଗୋରେଟିଙ୍ଗ ପର୍ଯ୍ୟନ୍ତ ଛଅଟି ୱେଲନେସ୍ ପ୍ରୋଗ୍ରାମ୍ ମଧ୍ୟ ଏଥିରେ ରହିଛି। ବାହ୍ୟ ଭାଗରେ ସ୍ୱତନ୍ତ୍ର ଟାଇଟନ୍ ସିଲଭର ରଙ୍ଗ, ସାଟିନ ପ୍ଲାଟିନମ ଆଟଲାସ ଓ ସିଲର ର କ୍ରୋମ, ଆକ୍ସେଂଟ, ୨୩ ଇଂଚର ଆଲୋୟ ହ୍ୱିଲ୍ ଏବଂ ନୂଆ ରେଞ୍ଜ ରୋଭର ସେଣ୍ଟର୍ କ୍ୟାପ୍ ଏହାର ଆକର୍ଷଣକୁ ଆହୁରି ବଢ଼ାଇଛି। ଆଭ୍ୟନ୍ତରୀଣ ଭାଗରେ ନୂଆ ଓରଚିଡ ହ୍ୱାଇଟ ଓ ସିଣ୍ଡର ଗ୍ରେ ଅଲଟ୍ରା ଫେବ୍ରିକ୍ସ, ଲେଦର-ମୁକ୍ତ ଇଂଟେରିୟର, ଲେଜରନିର୍ମିତ ମୋଜାଇକ୍ ଡିଜାଇନ୍, ପ୍ରାକୃତିକ ରାଟନ ପ୍ଲାମ ଭିନିର, ଗ୍ଲସି ହ୍ୱାଇଟ ସେରାମିକ, ଫିନିଶ୍, ଓରଚିଡ ପରଲ ଏସଭି ସ୍କ୍ରିପ୍ଟ, ଓରଚିଡ ହ୍ୱାଇଟ ସିଟ୍ ବେଲ୍ଟ ଏବଂ ଏସଭି ଅଲଟ୍ରା ବ୍ରାଣ୍ଡେଡ୍ ଟ୍ରେଡ୍ ପ୍ଲେଟ୍ ଏହାକୁ ଏକ ଅତ୍ୟ' ଆଧୁନିକ ଓ ସୁନ୍ଦର ରୂପ ଦେଇଛି। ଜେଏଲଆର୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ରାଜନ ଅମ୍ବା କହିଛନ୍ତି, 'ରେ ରୋଭର ଏସଭି ଅଲ୍ଟ୍ରା ହେଉଛି ରେ ରୋଭରର ସର୍ବୋଚ୍ଚ ବିଳାସିତାର ପ୍ରତୀକ। ଏହାର ବିଶେଷ ଡିଜାଇନ୍ ଏବଂ ଅଭିନବ ପ୍ରଯୁକ୍ତି ଗ୍ରାହକଙ୍କୁ ଏକ ଅଦ୍ୱିତୀୟ ଅନୁଭୂତି ପ୍ରଦାନ କରିବ। ଟାଇଟନ, ସିଲଭର ଫେଂଟ, ପ୍ରାକୃତିକ ରାଟାନ ପ୍ଲାମ ଭିନିର ୨୩ ଇଂଚର ଚକ ଏବଂ ବିଶ୍ୱର ପ୍ରଥମ ଏସଭି ଇଲେକଟ୍ରୋଷ୍ଟାଟିକସାଉଣ୍ଡ ସିଷ୍ଟମ୍ ପ୍ରତ୍ୟେକ ଯାତ୍ରାକୁ ଅସାଧାରଣ କରିଦେବ।' ରେ ରୋଭର ଏସଭି ଅଲ୍ଟ୍ରା ବର୍ତ୍ତମାନ ୩୯୫କେଡବ୍ଲୁ ପେଟ୍ରୋଲ୍ ମାଇଲ୍ଡ-ହାଇବ୍ରିଡ୍ ଭି୮ଇନ୍ ସହ ଉପଲବ୍ଧ। ଏହାର ସମ୍ପୂର୍ଣ୍ଣ ବୈଦ୍ୟୁତିକ ସଂସ୍କରଣ ଚଳିତ ବର୍ଷ ଶେଷ ସୁଦ୍ଧା ବଜାରକୁ ଆସିବ। ରେ ରୋଭରର ସର୍ବୋତ୍କୃଷ୍ଟ କାରିଗରୀ, ଅଭିନବ ପ୍ରଯୁକ୍ତି ଓ ୱେଲବିଂ ଅନୁଭୂତିର ଅଦ୍ୱିତୀୟ ସମନ୍ୱୟ ସହ ରେ ରୋଭର ଏସଭି ଅଲ୍ଟ୍ରା ଆଧୁନିକ ବିଳାସପୂର୍ଣ୍ଣ ଯାନବାହନର ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛି।

